# Odisha Legislative Assembly

(ଏକାଦଶ ଅଧିବେଶନ )

## ୨୫ ନଭେମ୍ବର ୨୦୨୨

----

[ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସରକାରୀ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ - ଶକ୍ତି ଶିଳ୍ପ ].

**ମୋଟ ପ୍ରଶ୍ନର ସଂଖ୍ୟା - 131**

----

### 2019 ମସିହାଠାରୁ ହୋଇଥିବା Make in Odisha କାର୍ଯ୍ୟକ୍ରମ

116 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଶିଳ୍ପ ବିଭାଗ ରାଜ୍ୟରେ, ଦେଶର ବିଭିନ୍ନ ସହରରେ, ବିଦେଶରେ 2019 ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଗୋଟି ଥର Make in Odisha କାର୍ଯ୍ୟକ୍ରମ କରିଛନ୍ତି ଏବଂ ଏହା ଦ୍ୱାରା କେତେଗୋଟି ଶିଳ୍ପ ଓଡିଶାରେ ପ୍ରତିଷ୍ଠା କରିଛନ୍ତି ଏବଂ କେତେ investment ଆସିଛି ଏବଂ କେତେ ଜଣ ପାଇଁ ଚାକିରୀ ସୁଯୋଗ ସୃଷ୍ଟି କରିଛନ୍ତି ଏହାର ଗୋଟିଏ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; (ଖ) 2019 ରୁ ଆଜି ପର୍ଯ୍ୟନ୍ତ Employment Exchange ରୁ ମୋଟ କେତେ ଜଣ ବେକାର ଯୁବକ ଯୁବତୀ ଏଥିରେ ଚାକିରୀ ପାଇଛନ୍ତି ଏବଂ କେତେ ଜଣ ପାଇବେ ଏହାର ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି?

----

### Land Bank ର ଜମି ଅଧିଗ୍ରହଣ

117 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ IDCO ଜରିଆରେ ସୃଷ୍ଟି ହୋଇଥିବା Land Bank କେତେ ଏକର ଜମି ଅଧିଗ୍ରହଣ କଲେଣି ଓ କେତୋଟି ନୂତନ Industrial Estate ଓ Industrial Shed ନିର୍ମିତ ହୋଇଛି କହିବେ କି ; Investor ମାନଙ୍କୁ ଆକର୍ଷିତ କରିବା ପାଇଁ ଆମ Industrial Policy ରେ କି କି ସୁବିଧା ଅଛି କହିବେ କି ; ଭଦ୍ରକ ଜିଲ୍ଲା ଧାମନଗର ଛକ (ଶିରିଗୁର ମୌଜା) ଠାରେ IDCO ଅଧିକୃତ ଜମିରେ IOCL ଅଧିଗ୍ରହଣ କରିଥିବା 60 ଏକରରୁ ଊର୍ଦ୍ଧ ଜମିରେ Industrial Park ଏ ପର୍ଯ୍ୟନ୍ତ ନହେବାର କାରଣ କଣ ; କେବେ ସୁଦ୍ଧା ତାହା କାର୍ଯ୍ୟକାରୀ ହେବ କହିବେ କି?

----

## ରାଜ୍ୟରେ ଥିବା ଜଳ ବିଦ୍ୟୁତ ଉତ୍ପାଦିତ କେନ୍ଦ୍ର

118 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଜଳ ବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ରାଜ୍ୟରେ ସମୁଦାୟ କେତୋଟି ଜଳ ବିଦ୍ୟୁତ୍ ଉତ୍ପାଦିତ କେନ୍ଦ୍ର ଅଛି ଓ ସେଥିରୁ କେତେ MW ବିଦ୍ୟୁତ ଶକ୍ତି ଉତ୍ପାଦିତ ହେଉଛି?

----

## ବାସଗୃହ/ସ୍କୁଲ ଉପରେ ଥିବା LT line ହଟାଇବା

119 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେବେ ସୁଦ୍ଧା Conductor ପରିବର୍ତ୍ତନ କରି safe side insulated cable ଲଗାଯିବା ପାଇଁ ଯୋଜନା କରାଯାଇଅଛି ; ସେହିପରି ବାସଗୃହ, ସ୍କୁଲ ଓ ଖେଳ ପଡିଆ ଉପର ଦେଇ ଯାଉଥିବା LT Line ବା II KV ତାରକୁ କେବେ ସୁଦ୍ଧା ହଟାଇବାର ବ୍ୟବସ୍ଥା କରିବେ?

----

## ବ୍ଲକ୍ ଜରିଆରେ Camp କରି Certificate ଯୋଗାଣ

120 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ପାଇଁ Block ଜରିଆରେ Camp କରି ପ୍ରମାଣ ପତ୍ର ଯୋଗାଇ ଦେବାପାଇଁ ବ୍ୟବସ୍ଥା କରିବେ କି, Campaign, Seminar ଏବଂ Sports ପାଇଁ 2022-23 ରଖା ଯାଇଥିବା 23 କୋଟି ଟଙ୍କାରୁ କେତେ ଖର୍ଚ୍ଚ କରାଯାଇଅଛି ଓ କେଉଁ କେଉଁ ସ୍ଥାନରେ ଏହି ଆୟୋଜନ ହୋଇଛି, ତାର ଏକ ତାଲିକା ଦେବେ କି ?

----

## ବକେୟା ଥିବା ବିଦ୍ୟୁତ୍ ଦେୟ

121 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଘରୋଇ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ସଂଖ୍ୟା କେତେ ରହିଛି, ବର୍ତ୍ତମାନ ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ଉପରେ କେତେ ବିଜୁଳି ଦେୟ ବାକି ରହିଛି ଓ ବ୍ୟବସାୟିକ ଉପଭୋକ୍ତାଙ୍କ ଉପରେ ଏହା କେତେ ରହିଛି, ସରକାରୀ ସଂସ୍ଥା ଉପରେ ବାକି ରହିଥିବା ବିଦ୍ୟୁତ୍ ଦେୟର ପରିମାଣ ସଂସ୍ଥାୱାରୀ ପ୍ରଦାନ କରିବେ ?

----

## ଦିବ୍ୟାଙ୍ଗଙ୍କ ଭତ୍ତା ବୃଦ୍ଧି

122 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେ ସଂଖ୍ୟକ କେଉଁ ପ୍ରକାରର ଦିବ୍ୟାଙ୍ଗ ରହିଛନ୍ତି, ସୁନ୍ଦରଗଡ଼ ଜିଲ୍ଲାରେ ଦିବ୍ୟାଙ୍ଗ ସଂଖ୍ୟା କେତେ, ଦିବ୍ୟାଙ୍ଗମାନଙ୍କୁ ପ୍ରତି ମାସରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କେତେ ପରିମାଣରେ ଭତ୍ତା ଯୋଗାଇ ଦେଉଛନ୍ତି, ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା

123 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀର ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ କେଉଁ କେଉଁ ଶିଳ୍ପ ସଂସ୍ଥା ସରକାରୀ ସ୍ତରରେ ପ୍ରତିଷ୍ଠା କରାଯାଇଛି କିମ୍ବା ପ୍ରତିଷ୍ଠା କରିବାର ଯୋଜନା ଅଛି, ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ବେକାର ଯୁବକ ଯୁବତୀ ମାନଙ୍କୁ ରୋଗଗାରକ୍ଷମ କରାଇବା ପାଇଁ ରଣପୁର ଠାରେ ଗୋଟିଏ ସରକାରୀ Textile Park ପ୍ରତିଷ୍ଠା କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ

124 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀରେ ମଧୁବାବୁ ପେନସନ୍ ଯୋଜନାରେ କେତେ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି ଆଉ କେତେ ହିତାଧିକାରୀ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଦରଖାସ୍ତ ଦେଇ ମଧ୍ୟ ଏ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇନାହାନ୍ତି ତାହାର ବ୍ଲକୱାରୀ ତାଲିକା ପ୍ରଦାନ କରିବା ସହିତ ଉକ୍ତ ଯୋଜନାରେ ସାମିଲ ହୋଇ ନଥିବା ହିତାଧିକାରୀମାନଙ୍କୁ କେବେ ସୁଦ୍ଧା ଅନ୍ତର୍ଭୁକ୍ତ କରାଯିବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ?

----

## ପ୍ରସ୍ତାବିତ Mega Terracota Project ର ପାଣି ବ୍ୟବସ୍ଥା

125 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଲୋଇସିଂହା ନିର୍ବାଚନ ମଣ୍ଡଳୀର ପୁଇନ୍ତଲା ବ୍ଲକ ଅନ୍ତର୍ଗତ ମଲମୁଣ୍ଡା ୦ାରେ ପ୍ରସ୍ତାବିତ Mega Terracota Project ର ପାଣ୍ଠି ବ୍ୟବସ୍ଥା ସହ Status Report ଏବଂ ଅଦ୍ୟାବଧି ହୋଇଥିବା ଅଗ୍ରଗତିର ଏକ ସବିଶେଷ ବିବରଣୀ ଗୃହରେ ଉପସ୍ଥାପନ କରିବେ କି, (ଖ) 16th ବିଧାନସଭାର UDAQ No.୨୬୨୦ / 22.07.2022 ର ପ୍ରଶ୍ନର ଉତ୍ତର ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ "ମୁଖ୍ୟମନ୍ତ୍ରୀ କାରିଗର ସହାୟତା ଯୋଜନା"ରେ ହସ୍ତଶିଳ୍ପ କାରିଗରମାନଙ୍କୁ ଦେବାକୁଥିବା ସହାୟତା ଯୋଜନା ଦୀର୍ଘଦିନ ଧରି ସରକାରଙ୍କ ବିଚାରଧୀନ ଥିବାରୁ ଏହି ଯୋଜନାକୁ ଚୂଡାନ୍ତରୂପ ଦେଇ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ଆଉ କେତେ ବର୍ଷ ସମୟ ଲାଗିବ, ମାନ୍ୟବର ମନ୍ତ୍ରୀ ତା'ର ଏକ ସ୍ପଷ୍ଟୀକରଣ ଦେବେ କି ?

----

## ଆୟୋଜନ ହୋଇଥିବା Make in Odisha କାର୍ଯ୍ୟକ୍ରମ

126 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଜି ପର୍ଯ୍ୟନ୍ତ ରାଜ୍ୟରେ କେଉଁ ବର୍ଷ କେତୋଟି Make in Odisha କାର୍ଯ୍ୟକ୍ରମ ଆୟୋଜନ କରାଯାଇ ରାଜ୍ୟ ବଜେଟରୁ କେତେ ପାଣ୍ଠି ଖର୍ଚ୍ଚ କରାଯାଇଅଛି, ପ୍ରତିଶୃତି ପାଇଥିବା ପୁଂଜି ବିନିଯୋଗର ପରିମାଣ ମଧ୍ୟରୁ ଓଡିଶାରେ କେତେ ସଂଖ୍ୟକ ଶିଳ୍ପ ପ୍ରତିଷ୍ଠା କରାଯାଇ କେତେ ସଂଖ୍ୟକ ଓଡିଶାର ଯୁବକ, ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଅଛି, ପ୍ରତିଶୃତିବଦ୍ଧ ଶିଳ୍ପ ସଂସ୍ଥାମାନଙ୍କୁ ପ୍ରସ୍ତାହିତ କରିବା ପାଇଁ ଓଡିଶା ସରକାର କେତେ ପରିମାଣର Incentive/Non-incentive facilitation ରାଜ୍ୟ ବଜେଟରୁ ଦେଇଛନ୍ତି ତାର ତାଲିକା ସହ କାର୍ଯ୍ୟକ୍ଷମ ହେଲା ପରେ ଉକ୍ତ ଶିଳ୍ପ ସଂସ୍ଥାମାନଙ୍କଠାରୁ ରାଜ୍ୟ ରାଜକୋଷକୁ କେଉଁ ବାବଦରେ କେତେ ପରିମାଣର ରାଜସ୍ୱ ଆସିଛି ଶିଳ୍ପୱାରୀ /ବର୍ଷୱାରୀ ତଥ୍ୟ ଦେବେକି, Make in Odisha ରେ ପ୍ରତିଶୃତିବଦ୍ଧ ongoing project ମାନଙ୍କ ତାଲିକା ସହ କାର୍ଯ୍ୟକ୍ଷମ ହୋଇ ବନ୍ଦ ହୋଇଯାଇଥିବା ଶିଳ୍ପ ସଂସ୍ଥାର ତାଲିକା ଏବଂ ଶିଳ୍ପ ସଂସ୍ଥାର ସଂପୂର୍ଣ୍ଣ ବିବରଣୀ ଦେବେକି?

----

## 2010 ମସିହା ପରଠାରୁ ସ୍ଥାପନ ହୋଇଥିବା ଶିଳ୍ପସଂସ୍ଥା

127 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2010 ମସିହା ପରଠାରୁ ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ କେତେ ପ୍ରସ୍ତାବ ଆସିଛି, କେତେ ପୁଂଜିଲଗାଣ ପାଇଁ ପ୍ରସ୍ତାବ ଅଛି, ବର୍ତ୍ତମାନସୁଦ୍ଧା କେତେ ଶିଳ୍ପ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି, ସେଗୁଡିକ ଦ୍ୱାରା କେତେ ପୁଂଜି ବିନିଯୋଗ ହେବ ଓ କେତେ ଲୋକ ନିଯୁକ୍ତି ପାଇବେ, ଏହାର ପୂର୍ଣ୍ଣ ତଥ୍ୟ ଦେବେକି, (ଖ) ଏହି ଶିଳ୍ପସଂସ୍ଥାଗୁଡିକ ମଧ୍ୟରୁ କେତେ ବିଦେଶୀ ସଂସ୍ଥା ଅଟନ୍ତି ତାହାର ତଥ୍ୟ ଦେବେକି ?

----

## Make in Odisha ଦ୍ୱାରା ଶିଳ୍ପ ସ୍ଥାପନ

128 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ବର୍ତ୍ତମାନସୁଦ୍ଧା କେତେ ସ୍ଥାନରେ Make in Odisha କର୍ମଶାଳା ହୋଇସାରିଲାଣି, ସେ ବାବଦରେ କେତେ ତହବିଲରୁ ଖର୍ଚ୍ଚ ହୋଇଛି, ଏପରି କର୍ମଶାଳା ବା ସମ୍ମେଳନ ଦ୍ୱାରା ଶିଳ୍ପ ସ୍ଥାପନ କ୍ଷେତ୍ରରେ ରାଜ୍ୟ ଲାଭବାନ ହୋଇଛି କି, ତାହାର ମଧ୍ୟ ବିଷଦ ବିବରଣୀ ଦେବେକି?

----

## IDCO ଦ୍ୱାରା ଶିଳ୍ପାଞ୍ଚଳ ପ୍ରତିଷ୍ଠା

129 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ IDCO ଦ୍ୱାରା ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଭିନ୍ନକ୍ଷମଙ୍କୁ ନିଯୁକ୍ତି

130 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଭିନ୍ନକ୍ଷମ ଚିହ୍ନଟ ହୋଇଥିବା ବେଳେ ବିଗତ ତିନି ବର୍ଷରେ ସରକାରୀ ଓ ଘରୋଇ ଉଦ୍ୟୋଗରେ କେତେ ସଂଖ୍ୟକ ଭିନ୍ନକ୍ଷମଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି, ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଘରୋଇ ଉଦ୍ୟୋଗରେ ଭିନ୍ନକ୍ଷମଙ୍କୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବନଶୀଳ କରିବା

131 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଭିନ୍ନକ୍ଷମଙ୍କ କଲ୍ୟାଣ ସହ ସେମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଢ଼େଙ୍କାନାଳ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ବିଦ୍ୟୁତ କରଣ

132 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢ଼େଙ୍କାନାଳ ଜିଲ୍ଲାରେ କେଉଁ ବ୍ଲକର କେତୋଟି ଗ୍ରାମ ଅଦ୍ୟାବଧି ବିଦ୍ୟୁତକରଣ ହୋଇପାରିନାହିଁ, ପ୍ରକାଶ କରି ଢ଼େଙ୍କାନାଳ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ବିଦ୍ୟୁତକରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଚଳ ଭାରି ଶିଳ୍ପ ପୁନଃ କାର୍ଯ୍ୟକ୍ଷମ

133 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାର ଅଞ୍ଚଳରେ କେଉଁ କେଉଁ ଭାରି ଶିଳ୍ପ କେବେଠାରୁ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅନ୍ଧ, ମୁକ, ବଧିର ପିଲାଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନ

134 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନ୍ଧ, ମୁକ, ବଧିର ପିଲାଙ୍କ ଶିକ୍ଷାଦାନ ପାଇଁ କେଉଁ ଜିଲ୍ଲାର କେଉଁଠାରେ ସରକାରୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି, ପ୍ରକାଶ କରି ପ୍ରତ୍ୟେକ ଜିଲ୍ଲାରେ ସରକାରୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## Five textile craft in ENESCO list

135 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What are the five textile craft listed in U.N.E.S.C.O. list, whether steps taken by state government sufficient to protect those traditional knowledge to weavers of different part of Odisha, what more steps planned by Government to increase there wages Weavers to encourage youth of their community in this sector ?

----

## Stop the Deepak Fertiliser of Gopalpur

136 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Will the minister stop Deepak fertiliser wore at Gopalpur accquired land for Tata steel project immediately due strong resistance from local people .

----

## ଅନ୍ଧ, ମୁକ, ବଧିର ପିଲାଙ୍କ ପାଠ ପଢ଼ାଇବାକୁ ପଦକ୍ଷେପ

137 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନ୍ଧ, ମୂକ, ବଧିର ଏବଂ ଅନ୍ୟାନ୍ୟ ଭିନ୍ନକ୍ଷମ ପାଠ ପଢ଼ା ବୟସର ଶିଶୁ, ବାଳକ, ବାଳିକା, କିଶୋର, କିଶୋରୀ, ଯୁବକଯୁବତୀଙ୍କ ସଂଖ୍ୟା କେତେ ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ପାଠ ପଢୁଛନ୍ତି ଓ ଯେଉଁମାନେ ପାଠ ପଢୁନାହାନ୍ତି, ସେମାନଙ୍କ ପାଠ ପଢ଼ା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ବାଣିଗୋଚ୍ଛା ଠାରେ ନିର୍ମାଣ 33/11 KVA Sub-Station ନିର୍ମାଣ

138 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକର ବାଣିଗୋଚ୍ଛା ଠାରେ ନିର୍ମାଣାଧୀନ 33/11 KVA Sub-station ର ନିର୍ମାଣ କାର୍ଯ୍ୟ କେବେସୁଦ୍ଧା ଶେଷ ହେବାପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ସ୍ଥିରିକୃତ ସମୟସୀମାଠାରୁ 5 ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇନଥିବା କଥା ଅବଗତ ଅଛନ୍ତି କି, ଅହେତୁକ ବିଳମ୍ବ ପାଇଁ ସମ୍ପୃକ୍ତ ଠିକାଦାର ସଂସ୍ଥାଙ୍କ ବିରୋଧରେ କି କି ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରାଯାଇଛି ଏବଂ ଅଦ୍ୟାବଧି ପ୍ରକଳ୍ପର କେଉଁ କେଉଁ କାର୍ଯ୍ୟ ବାକି ଅଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ କେବେସୁଦ୍ଧା ସମ୍ପୂର୍ଣ୍ଣ କରାଯାଇ ଲୋକମାନଙ୍କୁ ସେବା ପ୍ରଦାନ କରାଯିବ ଜଣାଇବେ କି ?

----

## Electrified the Tribal villages of Gania

139 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- How many interior and tribal populated villages of Gania, Daspalla and Nuagaon Blocks of Daspalla Assembly Constituency have been electrified through solar system and Grid connectivity under different schemes, please provide a G.P. and Block-wise list of those villages, what steps are being taken under which scheme for supply of electricity to remaining uncovered villages and new habitations ?

----

## ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବଂ ଖର୍ଚ୍ଚ

140 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ବର୍ତ୍ତମାନ କେତେ ଜିଲ୍ଲାରେ କେତେ Electricity ଉତ୍ପନ୍ନ ଏବଂ ଖର୍ଚ୍ଚ ହେଉଅଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, କେଉଁ ଜିଲ୍ଲାରେ କେତେ K.M. Cable Conductor ନାହିଁ ଯାହାଦ୍ୱାରା ମଣିଷ ଓ ପଶୁ ଇତ୍ୟାଦି ମୃତ୍ୟୁବରଣ କରୁଛନ୍ତି ତାହା ଜଣାଇବା ସହିତ ଗତ 15 ବର୍ଷ ମଧ୍ୟରେ ଏଥିଯୋଗୁଁ କେତେ ମଣିଷ ଓ ପଶୁ Electric Shock ରେ ମୃତ୍ୟୁବରଣ କରିଛନ୍ତି ତାହା ଜଣାଇବେ କି, ଏଥିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବା ପଶୁଙ୍କୁ କେତେ ଅର୍ଥ ପ୍ରଦାନ କରାଯାଇଛି ତାହା ଜଣାଇବେ କି ?

----

## ଭିନ୍ନକ୍ଷମଙ୍କୁ Survey କରି ଭତ୍ତା ପ୍ରଦାନ

141 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ କେଉଁ ଜିଲ୍ଲାରେ କେତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି ତାହାର Survey ହୋଇଛି କି, ଯଦି ଉତ୍ତର 'ହଁ' ହୁଏ Survey ମୁତାବକ କେଉଁ ଜିଲ୍ଲାରେ କେତେଜଣଙ୍କୁ ଭତ୍ତା ଓ ଅନ୍ୟାନ୍ୟ ସାହାଯ୍ୟ ଦିଆଯାଉଛି ତାହା ଜଣାଇବା ସହିତ ଅବଶିଷ୍ଟ ଉପଯୁକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଇନ ମୁତାବକ କେବେସୁଦ୍ଧା ଭତ୍ତା ଦିଆଯିବ ତାହା ଜଣାଇବେ କି ?

----

## କାର୍ଯ୍ୟକ୍ଷମ ଥିବା ସୂତାକଳ ଓ କଳତନ୍ତ ବୟନଶିଳ୍ପ

142 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଜେଡି ଶାସନ କ୍ଷମତାରେ ରହିବା ପୂର୍ବରୁ ଓଡିଶାରେ ମୋଟ କେତୋଟି ସୂତାକଳ ଓ କଳତନ୍ତ ବୟନଶିଳ୍ପ ୟୁନିଟ୍ ଥିଲା ଓ ସେଥିରୁ ଏବେ କେଉଁ ଗୁଡିକ କାର୍ଯ୍ୟକ୍ଷମ ଅଛି, ରାଜ୍ୟରେ ଓଟିଏମ୍ ଓ ଆଉ ୧୨ ଟି ସମବାୟ କଳତନ୍ତ ବୟନ ଶିଳ୍ପ ୟୁନିଟ ଏବଂ ୧୩ ଟି ସୂତାକଳ ବନ୍ଦ ଥିବା ସତ୍ୟ କି, ଯଦି ସତ୍ୟ, ଏଗୁଡିକ କେବେଠାରୁ ବନ୍ଦ ହୋଇ ରହିଛି ଓ ତାହାକୁ କେବେସୁଦ୍ଧା ସରକାର ପୁନଃ କାର୍ଯ୍ୟକ୍ଷମ କରିବେ, ୨୦୧୦ରୁ ଏଯାବତ୍ ରାଜ୍ୟରେ କେଉଁ କେଉଁ ସୂତାକଳ ଓ କଳତନ୍ତ ବୟନଶିଳ୍ପ ୟୁନିଟ୍ ପ୍ରତିଷ୍ଠା ହୋଇଛି, ଏବଂ ଏ ବାବଦରେ ରାଜ୍ୟ ସରକାର କେତେ ପୁଞ୍ଜି ବିନିଯୋଗ କରିଛନ୍ତି, ବିଦେଶକୁ ଭାରତରୁ ଯେତେ ପରିମାଣର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀ ହେଉଛି ସେଥି ମଧ୍ୟରୁ ଓଡ଼ିଶାରୁ କେତେ ପ୍ରତିଶତ ପଠାଯାଉଛି ତାହା ପ୍ରକାଶ କରିବେ କି ?

----

## Make in Odisha ଦ୍ୱାରା ରାଜ୍ୟ ବାହାରୁ ଓ ବିଦେଶରୁ ପୁଞ୍ଜି ନିବେଶ

143 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମେକ ଇନ୍ ଓଡିଶା କନକ୍ଲେଭ ପ୍ରଥମ ଓ ଦ୍ୱିତୀୟ ସଂସ୍କରଣରେ ରାଜ୍ୟ ବାହାରୁ ଏବଂ ବିଦେଶରୁ କେତେ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିଲା, ସେଥିମଧ୍ୟରୁ କେଉଁ ବର୍ଷ କେତେ ପ୍ରତିଶତ ପୁଞ୍ଜି ନିବେଶ ହୋଇଛି ଏବଂ କେଉଁ ଜିଲ୍ଲାରେ କେତେ ପୁଞ୍ଜି ନିବେଶରେ କେତେଗୋଟି ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହୋଇଛି, କେଉଁ କେଉଁ ପ୍ରମୁଖ କାରଣରୁ ପ୍ରସ୍ତାବ ଅନୁଯାୟୀ ପୁଞ୍ଜି ନିବେଶ ହୋଇପାରିଲା ନାହିଁ, ପ୍ରତିଶୃତି ମୁତାବକ ପୁଞ୍ଜି ନିବେଶ କରିନଥିବା କେଉଁ କେଉଁ ଶିଳ୍ପ ସଂସ୍ଥା ସହ ରାଜ୍ୟ ସରକାରଙ୍କ ତରଫରୁ ଏ ସଂପର୍କରେ କେତେଥର ଯୋଗାଯୋଗ କରାଯାଇଥିଲା ଓ ଯୋଗାଯୋଗରୁ ବି ଉତ୍ତର ମିଳିଥିଲା ସେ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## Transformer Up-gradation ପାଇଁ ପଦକ୍ଷେପ

144 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଗ୍ରାମରେ Transformer (ଟ୍ରାନ୍ସଫରମର) Up-gradation ପାଇଁ ଦାବୀ ହୋଇଛି ଏବଂ ସରକାର ଓ ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତାବ ଯାଇଛି, ସେହିଭଳି ରାଇଘର ବ୍ଲକ କୁନ୍ଦେଇ ଗ୍ରାମ ପଞ୍ଚାୟତର କାନାଡିହ ଗ୍ରାମରେ ନୂତନ Up-gradation Transformer ବସାଇବା ପାଇଁ ବାରମ୍ବାର ଦାବି ସହ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତାବ ଦେବା ପରେ ମଧ୍ୟ Up-gradation Transformer ନ ବସିବାର କାରଣ କଣ କହିବେ କି ?

----

## ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ କୃତିମ ଅଙ୍ଗ ପାଇଁ ଅର୍ଥ ଖର୍ଚ୍ଚ

145 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ː**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ କୃତ୍ରିମ ଅଙ୍ଗ, Wheel Chair ଇତ୍ୟାଦି କ୍ରୟ ନିମନ୍ତେ ବର୍ଷକୁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ଗତ ୫ ବର୍ଷରେ ଏ ବାବଦକୁ କେତେ ଖର୍ଚ୍ଚ ହୋଇଛି ଓ କେତେ ଲୋକ ଉପକୃତ ହେଉଛନ୍ତି କହିବେ କି, ଏଥିପାଇଁ କେନ୍ଦ୍ର ସରକାର କେତେ ଅର୍ଥ ଓ ରାଜ୍ୟ ସରକାର କେତେ ଅର୍ଥ ଯୋଗାଇଥାନ୍ତି କହିବେ କି ?

----

## ଶିଳ୍ପ ସଂସ୍ଥା ପାଇଁ ଘରୋଇ ସଂସ୍ଥାକୁ ଜମି ଯୋଗାଣ

146 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ː**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଶିଳ୍ପ ସ୍ଥାପନ ପାଇଁ ସରକାର ବିଭିନ୍ନ ଘରୋଇ ସଂସ୍ଥାକୁ ମୋଟ କେତେ ଜମି ଦେଇଛନ୍ତି ଓ ସେଥିରୁ କେତେ ଜମି ୧୦ ବର୍ଷରୁ ଅଧିକ କାଳଧରି ଅବ୍ୟବହୃତ ରହିଛି, ଗଞ୍ଜାମ ଜିଲ୍ଲାରେ ଶିଳ୍ପ ପାର୍କ ସ୍ଥାପନ ସକାଶେ IDCO ଦ୍ୱାରା ଅଧିଗ୍ରହୀତ ଜମିରୁ ଅବ୍ୟବହୃତ ୨୦୬ ଏକର ଜମି ମାଲିକମାନଙ୍କୁ ଫେରାର ଦେବାକୁ ସରକାର ନିଷ୍ପତ୍ତି ନେଇଥିବା ଦୃଷ୍ଟିରୁ ବିଭିନ୍ନ ଶିଳ୍ପାଞ୍ଚଳରେ ଥିବା ଅବ୍ୟବହୃତ ଜମି ଫେରସ୍ତ ନିମନ୍ତେ ଅନୁରୂପ ନିଷ୍ପତ୍ତି ନେବେ କି ?

----

## ବକେୟା ଅର୍ଥ ଓ EPF ପ୍ରଦାନ

147 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ସ୍ଥିତ Utkal Weaver's Co-operative Spining Mills Ltd. ଟି ସନ ୧୯୯୮ ଠାରୁ ସମ୍ପୂର୍ଣ୍ଣ ବନ୍ଦ ହେବା ପରେ VRS ରେ ଯାଇଥିବା କର୍ମଚାରୀ ମାନଙ୍କର ବକେୟା ଅର୍ଥ ସହ EPF କେବେ ସୁଦ୍ଧା ଏବଂ କେଉଁ ସରଳିକରଣ ଉପାୟରେ ପ୍ରଦାନ କରାଯିବ ସେ ସମ୍ପର୍କିତ ବାସ୍ତବ ପଦକ୍ଷେପମାନ କିପରି ଗ୍ରହଣ କରାଯିବ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଆଜ ସୁଦ୍ଧା EPF ପାଇଥିବା ଏବଂ ପାଇବାକୁ ଅପେକ୍ଷା କରିଥିବା କେଉଁ କେଉଁ କର୍ମଚାରୀମାନେ ଅଛନ୍ତି, ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ କର୍ମଚାରୀମାନଙ୍କର ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ପାଇଁ ପଦକ୍ଷେପ ନେବେ କି ?

----

## ବୃଦ୍ଧ/ ବୃଦ୍ଧାଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ

148 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉଦଳା ଉପଖଣ୍ଡରେ ନିରାଶ୍ରୟ ବୃଦ୍ଧା ବୃଦ୍ଧଙ୍କ ପାଇଁ ସରକାରୀ ସ୍ତରରେ ଉନ୍ନତମାନର ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିବେ କି ?

----

## ମାଗଣାରେ ବିଦ୍ୟୁତ୍ ଯୋଗାଣ

149 **ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯଦି କୌଣସି ବ୍ୟକ୍ତିର କିଛି ଡକ୍ୟୁମେଣ୍ଟ ବା ପଟ୍ଟା ନାହିଁ, ତାହେଲେ କିପରି ସେ ବିଦ୍ୟୁତ୍ ସଂଯୋଗ ନେଇପାରିବ, ସରକାର କେଉଁ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ମାଗଣା ଦିଆଯାଇପାରିବ ?

----

## ପି.ଏମ୍.ଇ.ଜି.ପି. ଋଣ ପାଇଥିବା ହିତାଧିକାରୀଙ୍କ ସଂଖ୍ୟା

150 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଜଣ ହିତାଧିକାରୀଙ୍କୁ ପି.ଏମ୍.ଇ.ଜି.ପି. ଋଣ ପ୍ରଦାନ କରାଯାଇଛି ଓ ଜିଲ୍ଲାରେ ଅଧିକ ହିତାଧିକାରୀଙ୍କୁ ଏହି ଋଣ ପ୍ରଦାନ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ଗଣିତ ପ୍ରତିଷ୍ଠାନ ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ବିକାଶ

151 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ଗଣିତ ପ୍ରତିଷ୍ଠାନ ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅଦ୍ୟାବଧି କି କି ସଫଳତା ହାସଲ କରିଛି ପ୍ରକାଶ କରି ଏହାର ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ବିକାଶ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ

152 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

153 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ କେଉଁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପଞ୍ଜିକୃତ କିନ୍ନରଙ୍କ ସଂଖ୍ୟା

154 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତେଜଣ କିନ୍ନର ପଞ୍ଜିକୃତ ହୋଇଛନ୍ତି ପ୍ରକାଶ କରି ସେମାନଙ୍କୁ ଆତ୍ମନିଯୁକ୍ତି ଯୋଗାଇ ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## M.S.M.E ପାର୍କ ପ୍ରତିଷ୍ଠା

155 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଜବରଦଖଲ ହୋଇଥିବା ସରକାରୀ ଉଦ୍ୟୋଗର ଜାଗା

156 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅଚଳ ଅବସ୍ଥାରେ ଥିବା କେଉଁ ସରକାରୀ ଉଦ୍ୟୋଗର କେତେ ଜାଗା ଜବରଦଖଲ ହୋଇଛି ପ୍ରକାଶ କରି ଏହାକୁ ଜବରଦଖଲ ମୁକ୍ତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଓଡିଶା ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନର ସଫଳତା

157 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ବିଗତ ତିନି ବର୍ଷରେ କି କି ସଫଳତା ହାସଲ କରିଛି ପ୍ରକାଶ କରି ଏହାର କାର୍ଯ୍ୟ ପରିସର ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ହସ୍ତଶିଳ୍ପ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି

158 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ ହସ୍ତଶିଳ୍ପ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ସୃଷ୍ଟି କରୁଛନ୍ତି?

----

## ସବୁଜ ଶକ୍ତି ଉତ୍ପାଦନ

159 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ ସବୁଜ ଶକ୍ତି ଉତ୍ପାଦନ ନିମନ୍ତେ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଳାହାଣ୍ଡିରେ ଥିବା ଅଚଳ ସରକାରୀ ଉଦ୍ୟୋଗ

160 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର କେଉଁଠାରେ ପ୍ରତିଷ୍ଠିତ କେଉଁ କେଉଁ ସରକାରୀ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି ; ଏହାର ଆସବାବପତ୍ରକୁ ସୁରକ୍ଷିତ ରଖିବା ସହ ଏହାକୁ ପୁନଃ କାର୍ଯ୍ୟକ୍ଷମ ନତୁବା ନିଲାମ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଧର୍ମଗଡରେ ଲୋ-ଭୋଲଟେଜ୍ ସମସ୍ୟା

161 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଧର୍ମଗଡ ନିର୍ବାଚନ ମଣ୍ଡଳୀର ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଧର୍ମଗଡଠାରେ ସାଇନ୍ସ ପାର୍କ ପ୍ରତିଷ୍ଠା

162 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଧର୍ମଗଡଠାରେ ସାଇନ୍ସ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଳାହାଣ୍ଡିରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ ସଫଳତା

163 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡିରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ ବିଗତ ତିନି ବର୍ଷରେ କି କି ସଫଳତା ହାସଲ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## କଳାହାଣ୍ଡିରେ ସଭ୍ୟଭୁକ୍ତ ବୁଣାକାରଙ୍କ ସଂଖ୍ୟା

164 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ କେତେଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେଜଣ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି, ପ୍ରକାଶ କରି ବୁଣାକାର ମାନଙ୍କୁ ଅତ୍ୟାଧୁନିକ ବସ୍ତ୍ର ବୟନ ସମ୍ପର୍କରେ ତାଲିମ୍ ଦେଇ ସେମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କୃଷି କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ଶକ୍ତି ଯୋଗାଣ

165 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) କୃଷି କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ କି, ତାହା କାର୍ଯ୍ୟକାରୀ ନହେବାର କାରଣ କ'ଣ,ଏବେ କୃଷି କ୍ଷେତ୍ରରେ କେତେ ପରିମାଣର ବିଦ୍ୟୁତ୍ ଶକ୍ତି ବିନିଯୋଗ ହେଉଛି, କେତେ ଟଙ୍କାର ରାଜସ୍ୱ ସେ ବାବଦରେ ମିଳୁଛି, (ଖ) କେଉଁ କେଉଁ ରାଜ୍ୟରେ କୃଷି କାର୍ଯ୍ୟ ପାଇଁ ବିଦ୍ୟୁତ୍ ସଂଯୋଗ ବିନା ପଇସାରେ କରାଯାଇଛି, ତାହାର ତଥ୍ୟ ଦେବେ କି ?

----

## ଘୋଷିତ ଶିଳ୍ପାଞ୍ଚଳର ସଂଖ୍ୟା

166 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ଏବେ କେତେ ସରକାରଙ୍କ ଦ୍ୱାରା ଘୋଷିତ ଶିଳ୍ପାଞ୍ଚଳ (Industrial Estate) ଅଛି, ସରକାର ସେଗୁଡିକରେ କେତେ Industrial Shed ନିର୍ମାଣ କରିଥିଲେ, ତନ୍ମଧ୍ୟରୁ କେତେ Shed ବନ୍ଦ ପଡିଛି, କେତେ Shed ଅଣ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଉଛି, ଶିଳ୍ପାଞ୍ଚଳୱାରୀ ହିସାବ ଦେବେ କି, (ଖ) କେତେ Shed ର ମାଲିକାନା ପରିବର୍ତ୍ତନ ହୋଇଛି, ତାହାର ତଥ୍ୟ ଦେବେ କି ?

----

## କୋରାପୁଟରେ ବିଦ୍ୟୁତ ସଂଯୋଗ ହୋଇ ନଥିବା ଗ୍ରାମ

167 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ଗ୍ରାମ ଓ ପଡା ଗ୍ରାମକୁ ଆଦୌ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ, ତନ୍ମଧ୍ୟରୁ କୋରାପୁଟ ଜିଲ୍ଲାର କେତେ ଗ୍ରାମ ଅନ୍ତର୍ଭୁକ୍ତ, ସେଗୁଡିକୁ ବିଦ୍ୟୁତକରଣ କରିବାକୁ ସରକାର ଆଗ୍ରହୀ ଅଟନ୍ତି କି, (ଖ) ଏପରି ଗ୍ରାମ ଓ ପଡାରେ ସ୍ୱତନ୍ତ୍ର ଭାବେ ଅଣ ପାରମ୍ପରିକ ସୁତ୍ରରୁ ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ ନିଷ୍ପତ୍ତି ହୋଇଥିଲା କି, ଏ ବାବଦରେ କେନ୍ଦ୍ର ସରକାର କେତେ ଅନୁଦାନ ଘୋଷଣା କରିଥିଲେ କି ?

----

## ମେଳାରେ ଉତ୍ପାଦିତ ବୟନ ସାମଗ୍ରୀର ବିକ୍ରୀ

168 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରୁ ଉତ୍ପାଦିତ ବୟନ ସାମଗ୍ରୀର ବିକ୍ରୀବଟା ପାଇଁ କେତେ ମେଳାରେ ଅଂଶ ଗ୍ରହଣ କରାଯାଇଛି, ରାଜ୍ୟ ବାହାରର କେତେ ଓ ଦେଶ ବାହାରର କେତେ, ସେହି ମେଳା ମାନଙ୍କରେ କେତେ ବିକ୍ରୀବଟା ହୋଇଛି ଓ ସରକାର କେତେ ଖର୍ଚ୍ଚ କରିଛନ୍ତି ?

----

## Distribution Company ରେ ସମୁଦାୟ ଯୁବକ, ଯୁବତୀଙ୍କୁ ନିଯୁକ୍ତି

169 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଦ୍ୟୁତ୍ ଯୋଗାଣ, ସରବରାହ ଓ ସଂଯୋଗ ନିମନ୍ତେ କେଉଁ Distribution Company କୁ ଦାୟୀତ୍ୱ ଦିଆଯାଇଛି, ଏହି ସଂସ୍ଥା ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ସର୍ତ୍ତ ଥିଲା କି, ଏହା ସତ୍ତ୍ୱେ ତାହା କାର୍ଯ୍ୟକାରୀ ନହେବାର କାରଣ କ'ଣ, ସେହି ସଂସ୍ଥା ଅବିଭକ୍ତ କୋରାପୁଟ ଜିଲ୍ଲାର ଦାୟୀତ୍ତ୍ୱ ନେବାପରେ କେତେ ସଂଖ୍ୟାରେ ନିଯୁକ୍ତି (ସ୍ଥାୟୀ ଓ ଅସ୍ଥାୟୀ) ଦେଇଛନ୍ତି, ସେଗୁଡିକ ମଧ୍ୟରେ ସ୍ଥାନୀୟ ଲୋକଙ୍କ ସଂଖ୍ୟା କେତେ ?

----

## କ୍ଷତିରେ ଚାଲିଥିବା ଉଦ୍ୟୋଗ

170 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ଗତ 10 ବର୍ଷ ମଧ୍ୟରେ କେଉଁ କେଉଁ ପ୍ରକାରର କେତେ ସରକାରୀ ଉଦ୍ୟୋଗ କ୍ଷତିରେ ଚାଲିଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଉକ୍ତ ଉଦ୍ୟୋଗ ମାନଙ୍କୁ ଚଳାଇବା ପାଇଁ କେତେ ଅର୍ଥ ଆବଶ୍ୟକ ତାହା ଜଣାଇବେ କି, କ୍ଷତିରେ ଚାଲୁଥିବା ଉଦ୍ୟୋଗ ଗୁଡିକୁ ପୁନଃ ପ୍ରଚଳନ କରିବା ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଜଣାଇବେ କି ?

----

## ବିଦ୍ୟୁତ୍ କରଣ କାର୍ଯ୍ୟରେ ବିଳମ୍ବ

171 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଗୁଜଡିହା ଗ୍ରାମରେ ଆଜିକୁ ପ୍ରାୟ 10 ବର୍ଷ ହେଲା Electry Structure କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର କାର୍ଯ୍ୟ ଶେଷ ନହୋଇଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହି କାର୍ଯ୍ୟ କେବେ ସୁଧା ଶେଷ ହେବ ତାହା ଜଣାଇବେ କି, ଏହିପରି Inordinate ବିଳମ୍ବ ପାଇଁ କିଏ ଦାୟୀ ଏବଂ ସେମାନଙ୍କ ବିରୋଧରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି ?

----

## କ୍ଷତିରେ ଚାଲୁଥିବା ବୟନ ଶିଳ୍ପ

172 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ବୟନ ଶିଳ୍ପ, ହସ୍ତତନ୍ତ୍ର ଓ ହସ୍ତଶିଳ୍ପରେ କେଉଁ ଜିଲ୍ଲାରେ କେତେ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, କ୍ଷତିରେ ଚାଲୁଥିବା ବୟନ ଶିଳ୍ପ ମାନଙ୍କୁ ପ୍ରୋତ୍ସାହନ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ତାହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ବିଦ୍ୟୁତକରଣ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ

173 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ 2021 ମସିହାରେ ହୋଇଥିବା ପ୍ରଳୟଙ୍କାରୀ ଜୁଆର (YASS) ଯୋଗୁଁ କ୍ଷତି ହୋଇଥିବା Electry ତାର, Electry ଖୁଣ୍ଟ ଏବଂ transformers ଇତ୍ୟାଦି ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ କେତେ କ୍ଷତି ହୋଇଥିଲା ତାହାର ଏକ ତାଲିକା ପ୍ରଦାନ କରିବା ସହିତ ଏହି କ୍ଷତି ପୂରଣ ପାଇଁ ତତକାଳୀନ ସରକାର କାର୍ଯ୍ୟ Review କରି ଏକ ମାସ ମଧ୍ୟରେ କରିବା ପାଇଁ ପ୍ରତିଶୃତି ଦେଇଥିଲେ, ସେଥିରୁ କେତେ କାର୍ଯ୍ୟ ଶେଷ ହୋଇଛି ଏବଂ ବାକିଥିବା କାର୍ଯ୍ୟକୁ କେବେ ସୁଦ୍ଧା ଶେଷ କରାଯିବ ତାହା ଜଣାଇବେ କି ?

----

## କ୍ଷୁଦ୍ର ଓ ସୂକ୍ଷ୍ମ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ

174 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଧାରଣତଃ ଉପରୋକ୍ତ ତିନି ଉଦ୍ୟୋଗ ମଧ୍ୟରୁ କେଉଁ ଉଦ୍ୟୋଗରେ କେତେ ଅଧିକ ବ୍ୟକ୍ତି କାର୍ଯ୍ୟକରି ପାରିବେ ତାର କୌଣସି Survey ହୋଇଛି କି, ବୃହତ୍ ଶିଳ୍ପ ଓ ମଧ୍ୟମ ଶିଳ୍ପ କେତେ ପ୍ରସାହିତ ହେଉଛି ସେତେ ସୂକ୍ଷ୍ମ ଓ କ୍ଷୁଦ୍ର ଶିଳ୍ପ ସଙ୍କୁଚିତ ହେଉଥିବାର କଥା ସତ୍ୟ କି, ଯଦି ଉତ୍ତର 'ହଁ' ହୁଏ ଏହି କ୍ଷୁଦ୍ର ଓ ସୂକ୍ଷ୍ମ ଶିଳ୍ପକୁ ବଞ୍ଚାଇବା ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି ?

----

## ସରକାରୀ ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ

175 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ କେଉଁ କେଉଁ ସ୍ଥାନରେ କେଉଁ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ଅଥବା ଏହାକୁ ନିଲାମ କରିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେକି?

----

## କର୍ମଚାରୀ ନିଯୁକ୍ତି

176 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅଧିନରେ ଥିବା ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ TPCODL ସଂସ୍ଥା ଦ୍ୱାରା ବିଦ୍ୟୁତ ସେବା ପ୍ରଦାନ ଓ ତଦାରଖ ନିମନ୍ତେ କେତେଜଣ ବିଭିନ୍ନ ବର୍ଗର ସହାୟକ କର୍ମଚାରୀଙ୍କ ଆବଶ୍ୟକତା ଅଛି ଓ କେତେଜଣ କର୍ମଚାରୀ ଏବେ ନିୟୋଜିତ ହୋଇଛନ୍ତି ଓ କେତେଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇନାହିଁ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେକି, ବିଦ୍ୟୁତ ବିତରଣ ଓ ତଦାରଖ କାର୍ଯ୍ୟକୁ ସୁଦୃଢ କରିବା ପାଇଁ ଆବଶ୍ୟକୀୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ସ୍ଥିର କରିବେକି?

----

## Establishment of Honey Processing Industry

177 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What is the present status of common facility centre(CFC) being constructed under SFURTI Scheme in Dospalla Block of Nayagarh District for Establishment of Honey Processing Industry and when the proposed project will be made functional?

----

## Development Programme for Daspalla

178 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- The Dasapalla, Nuagoan and Gania Blocks of Nayagarh District are tribal populated MADA and Cluster Blocks and those Blocks need special attention in the field of road connectivity, health and education, will the Govt. consider and take special care to take up those blocks under "Adopt-a- Block" scheme through Corporate Social responsibility being Non-DMF and Non-OMBADC blocks?

----

## ଦଶପଲ୍ଲାରେ ବୟନ ଶିଳ୍ପର ବିକାଶ

179 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପର ବିକାଶ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି, ଉକ୍ତ ଶିଳ୍ପର ବିକାଶ ପାଇଁ ସଂପୃକ୍ତ ଅଂଚଳ ପାଇଁ ସ୍ୱତନ୍ତ୍ର ଯୋଜନା ଥିଲେ ଏଦିଗରେ କି କି ପଦକ୍ଷେପ ନିଆଯାଇଛି ଜଣାଇବେକି?

----

## Special Programme for Disable Persons

180 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What are the Schemes, Programmes and Activities being implemented for the Social and Economic Empowerment of Personswise disabilities?

----

## ଅତ୍ୟାଧୁନିକ ବସ୍ତ୍ର ବୟନ ପାଇଁ ତାଲିମ

181 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବୁଣାକାର ମହିଳାମାନଙ୍କୁ ଅତ୍ୟାଧୁନିକ ବସ୍ତ୍ର ବୟନ ତାଲିମ ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି ଓ ସେ ଦିଗରେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଓଡିଶାର ବୟନ ଶିଳ୍ପ, ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦଗୁଡିକ କେଉଁ କେଉଁ ରାଜ୍ୟ ଓ ବିଦେଶୀ ରାଷ୍ଟ୍ରରେ ଆଦୃତ ହୋଇଛି ଓ ଏଥିପାଇଁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ ସଂପର୍କରେ ସୂଚନା ଦେବେକି?

----

**ଭିନ୍ନକ୍ଷମମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା**

182 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭିନ୍ନକ୍ଷମମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଓ ନିଯୁକ୍ତି କ୍ଷେତ୍ରରେ 4% ସଂରକ୍ଷଣ ବ୍ୟବସ୍ଥା ରହିଛି କି, ଉତ୍ତର ହଁ ହେଲେ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସଂପର୍କରେ ଅନୁଧ୍ୟାନ ହେଉଛି କି, ସ୍ଥାନ ସଂରକ୍ଷଣ ଆଧାରରେ ଭିନ୍ନକ୍ଷମ ସରକାରୀ କର୍ମଚାରୀମାନେ ପଦୋନ୍ନତି ପାଉଛନ୍ତି କି ନାହିଁ?

----

**Start-up Hub ରେ ପରିଣତ ପାଇଁ ପଦକ୍ଷେପ**

183 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2025 ସୁଦ୍ଧା ଓଡିଶାକୁ ଦେଶର Start-up Hub ରେ ପରିଣତ କରିବା ପାଇଁ ସରକାରଙ୍କର ପଦକ୍ଷେପ ସଂପର୍କରେ ସୂଚନା ଦେବେକି, ବର୍ତ୍ତମାନ ରାଜ୍ୟରେ Start-up ସଂଖ୍ୟା କେତେ ଓ Odisha Start-up Policy Start-up କାରୀମାନଙ୍କୁ କିପରି ସହାୟକ ହେଉଛି?

----

**MSME Unit ର ସଂଖ୍ୟା**

184 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- MSME ମାଧ୍ୟମରେ ରାଜ୍ୟରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାରଙ୍କର ପଦକ୍ଷେପ ସଂପର୍କରେ ସୂଚନା ଦେବେକି, ରାଜ୍ୟରେ ସମୁଦାୟ କେକୋଟି MSME Unit ଅଛି, MSME ପଲିସି ନୂତନ MSME Unit ପ୍ରତିଷ୍ଠା ପାଇଁ କିପରି ସହାୟକ ହେଉଛି କହିବେକି, ରାଜ୍ୟରେ କେତୋଟି MSME Unit ମହିଳାଙ୍କ ଦ୍ୱାରା ପରିଚାଳିତ, MSME କୁ ବ୍ୟାଙ୍କ ଋଣ ଦେବା ପାଇଁ ବ୍ୟାଙ୍କମାନଙ୍କୁ ଚିହ୍ନଟ କରାଯାଇଛି କି, Covid Period ରେ କେତୋଟି MSME Unit ବନ୍ଦ ହୋଇଛି ତାର ସର୍ବେକ୍ଷଣ ହୋଇଛି କି?

----

**ସରକାରୀ ଉଦ୍ୟୋଗର ସଂଖ୍ୟା**

185 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ ସରକାରୀ ଉଦ୍ୟୋଗ ସଂଖ୍ୟା କେତେ, ତନ୍ମଧ୍ୟରୁ କେତୋଟି ଉଦ୍ୟୋଗ ଲାଭଜନକ ସ୍ଥିତିରେ ଅଛି, ପଡିଥିବା ସରକାରୀ ଉଦ୍ୟୋଗଗୁଡିକୁ ରୁଗଣ ଓ ବନ୍ଦ ହେବାର କାରଣ କଣ, ଏଥିପାଇଁ କାହା ଉପରେ responsibility fix କରାଯାଇଛି, ଅଚଳ ଉଦ୍ୟୋଗଗୁଡିକୁ ସଚଳ କରିବା ପାଇଁ ସରକାରଙ୍କର ଯୋଜନା ଅଛି କି, କିଛି ନୂତନ PSU ଗଠନର ପ୍ରସ୍ତାବ ଅଛି କି?

----

## Investor Meet ଖର୍ଚ୍ଚ ସଂପର୍କରେ

186 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 16th ବିଧାନସଭାର UDAQ No.-2600/22.07.2022 ରେ ସରକାର ତଥ୍ୟ ଅନୁଯାୟୀ ପୁଂଜିନିବେଶ ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା କରି ରାଜ୍ୟର ଫାଇଦା ପାଇଁ କେତେ ରାଜସ୍ୱ ପାଇବେ ସରକାର ତାର ଆକଳନ କରିବା ସମ୍ଭବପର ନୁହେଁ ଏଠାରେ ସୂଚାଉଅଛି ଯେ ସରକାର ଚାରିଆଡେ ବୁଲାବୁଲି କରି Investor Meet କରିବା ଏକ ଲକ୍ଷ୍ୟହୀନ ଓ ମୂଲ୍ୟହୀନ ପଦକ୍ଷେପ ବୋଲି ସରକାର ନିଜେ ସ୍ୱୀକାର କରିବେକି, ରାଜ୍ୟର ସ୍ୱାର୍ଥ ତଥା ଫାଇଦାକୁ ଆକଳନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ସରକାର ରାଜ୍ୟ ରାଜକୋଷକୁ ଲକ୍ଷ୍ୟହୀନ ଭାବରେ ବ୍ୟବହାର କରିବାର ଯଥାର୍ଥତା ସମ୍ବନ୍ଧରେ ବିଧାନସଭାରେ ମତାମତ ଦେବେକି, (ଖ) UDAQ No.-2600/22.07.2022 ର ପ୍ରଶ୍ନ (ଖ) ର ଉତ୍ତର ଉପରେ silent ଥିବା ସରକାର ନିର୍ଦ୍ଦିଷ୍ଟ ଭାବରେ ଉତ୍ତର ଦେବା ସହ ବର୍ତ୍ତମାନସୁଦ୍ଧା 2022 2023 ଆର୍ଥିକ ବର୍ଷର Investor Meetରେ କେତେ ପରିମାଣ ପାଣ୍ଠି ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରିଛନ୍ତି ସବିଶେଷ ବିବରଣୀ ଦେବେକି?

----

## ଶିଳ୍ପ ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟୀକରଣ ପ୍ରଦାନ

187 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 16th ବିଧାନସଭାର UD No. 2221/ Date 13.03.2020 ପ୍ରଶ୍ନର ଉତ୍ତରରେ ସରକାର ଗୃହରେ ଦେଇଥିବା ପ୍ରତିଶୃତି ଅନୁଯାୟୀ ଜିଲ୍ଲା ଶିଳ୍ପକେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପକେନ୍ଦ୍ରକୁ ଅଧିକ କ୍ରିୟାଶୀଳ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦୀର୍ଘ ବର୍ଷହେବ ବିଚାରାଧୀନ ଥିବା ପୁର୍ନ ବିନ୍ୟାସ ( Restructuring ) ପ୍ରସ୍ତାବର ବର୍ତ୍ତମାନର Status, action taken report ଏବଂ ଅଗ୍ରଗତି ସମ୍ବନ୍ଧରେ ଏକ ସ୍ପଷ୍ଟୀକରଣ ଦେବେ କି ?

----

## ନକଲି ସମ୍ବଲପୁରୀ ବସ୍ତ୍ର ଉତ୍ପାଦନ ବନ୍ଦ କରିବାକୁ ପଦକ୍ଷେପ

188 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ନକଲି ସମ୍ବଲପୁରୀ ବସ୍ତ୍ର ଉତ୍ପାଦନକୁ ବନ୍ଦ କରିବା ପାଇଁ UD AQ No. 1418/ 15.07.2022 ପ୍ରଶ୍ନର ଉତ୍ତରରେ ସରକାର ଦେଇଥିବା ଉତ୍ତର ଅନୁଯାୟୀ, ADT ବରଗଡ଼ ଓ ଅଧିବାସୀଙ୍କ ବରଗଡ଼ ଦ୍ୱାରା ରାଜସ୍ଥାନର ଭାରତ ମୋହନ ଇଣ୍ଡଷ୍ଟ୍ରୀ ବିରୁଦ୍ଧରେ ବରଗଡ଼ ଥାନାରେ ତା 21.07.2017 ଠାରୁ ଦାଖଲ କରାଯାଇଥିବା FIR ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ଅଗ୍ରଗତି ସମ୍ବନ୍ଧରେ ବିବରଣୀ ସହ ସ୍ପଷ୍ଟୀକରଣ ଦେବେ କି; (ଖ) ଯଦି FIR ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଇ ବୟନ ଶିଳ୍ପବିଭାଗ ଚୁପ୍ ରହିଛନ୍ତି ତେବେ ଏହି ନକଲି ସମ୍ବଲପୁରୀ ବସ୍ତ୍ର କାରବାରରେ ସରକାର ମଧ୍ୟ ସାମିଲ ଥିବା ଅଭିଯୋଗକୁ ସ୍ୱୀକାର କରିବେ କି ?

----

## Low Voltage ସମସ୍ୟାର ସମାଧାନ

189 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲୋଇସିଂହା ନିର୍ବାଚନ ମଣ୍ଡଳୀର ଆଗଲପୁର / ପୁଇଁନ୍ତଳା ଅଞ୍ଚଳରେ ବିଦ୍ୟୁତ ଶକ୍ତିର Low Voltage ସମସ୍ୟାର ସମାଧାନ ନିମନ୍ତେ କୁଟାସିଂହା, ରାମପୁର ଓ ବିଲେଇସର୍ଦ୍ଧାଠାରେ ନିର୍ମାଣ କରିବାକୁ ଥିବା ପ୍ରସ୍ତାବିତ Sub - Station ର ନିର୍ମାଣକାର୍ଯ୍ୟର ଅଗ୍ରଗତି ସହ ଏକ Status Report ଗୃହରେ ଉପସ୍ଥାପନ କରିବେ କି ?

----

## Make in India କାର୍ଯ୍ୟକ୍ରମ ପାଇଁ ବଜେଟ ବ୍ୟବସ୍ଥା

190 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବୃହତ ଶିଳ୍ପବିହୀନ ବଲାଙ୍ଗୀର, ସୋନପୁର , ବୌଦ୍ଧ, ନୂଆପଡ଼ା, ବରଗଡ଼ ଜିଲ୍ଲା ଭଳି ଦାଦନ ପ୍ରବଣ ଜିଲ୍ଲାରେ ବୃହତ ଶିଳ୍ପ ସ୍ଥାପନ କରିବାକୁ NRI/ Foreign Investor ମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର କେଉଁ ପ୍ରକାର ଭିତ୍ତିଭୂମିର ବ୍ୟବସ୍ଥା କରିଛନ୍ତି ତାର ତାଲିକା ଦେବା ସହ ପଶ୍ଚିମ ଓଡ଼ିଶାର ଏହି ଜିଲ୍ଲାମାନଙ୍କରେ Investor ମାନଙ୍କୁ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର କେଉଁ ପ୍ରକାର ପଦକ୍ଷେପ କେବେ ନେଇଛନ୍ତି, ଜନସାଧାରଣଙ୍କ ଅବଗତି ନିମନ୍ତେ ସ୍ପଷ୍ଟୀକରଣ ଦେବେ କି; (ଖ) 2022 ମସିହାରେ ପ୍ରସ୍ତାବିତ Make in Odisha କାର୍ଯ୍ୟକ୍ରମର ଆୟୋଜନ ପାଇଁ ରାଜ୍ୟ ବଜେଟରେ କରାଯାଇଥିବା ବ୍ୟବସ୍ଥା ସହ କାର୍ଯ୍ୟକ୍ରମରେ ସଫଳତା ପାଇଲେ ଓଡ଼ିଶାକୁ ଭବିଷ୍ୟତରେ କେଉଁ କେଉଁ ପ୍ରକାର ଫାଇଦା ମିଳିବା ସମ୍ଭାବନାର ଆକଳନ କରାଯାଇଛି ତାର ସମ୍ପୂର୍ଣ୍ଣ ତଥ୍ୟ ଅବଗତି ନିମନ୍ତେ ଉପସ୍ଥାପନ କରିବେ କି ?

----

## ପ୍ରତି ବ୍ଲକରେ ଖୋଲିବା ପାଇଁ ପ୍ରସ୍ତାବ

191 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ପ୍ରତି Block ରେ ITI ଖୋଲିବା ପାଇଁ ପ୍ରସ୍ତାବ ଥିଲେ ଏ ଦିଗରେ ସରକାର Sorada Block ରେ ଏକ ITI ସରକାର ପ୍ରତିଷ୍ଠା କରିବେ କି ; ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇବେ କି ?

----

## ବିଦ୍ୟୁତ କରଣ ପାଇଁ ପଦକ୍ଷେପ

192 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Sorada Block ରେ ବଡ଼ଗୋପ୍ରା ଗ୍ରାମ ପଞ୍ଚାୟତର କେତେଗୋଟି ଗ୍ରାମ ଅଦ୍ୟାବଧି ବିଦ୍ୟୁତକରଣ ହୋଇପାରିନାହିଁ ତାହା ଗୃହକୁ ଜଣାଇବେ କି ?

----

## ବେଲଗୁଣ୍ଠା ବ୍ଲକରେ ବିଦ୍ୟୁତକରଣ

193 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Sorada Block & Bellaguntha Block ର କେଉଁ କେଉଁ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ପହଞ୍ଚିପାରି ନାହିଁ ତାହାର ଏକ ତାଲିକା ଦେବେ କି ; କେବେସୁଦ୍ଧା ଏହି ଗ୍ରାମ ଗୁଡ଼ିକୁ ବିଦ୍ୟୁତ ପହଞ୍ଚିବ ଗୃହକୁ ଜଣାଇବେ କି ?

----

## ଜମା ପ୍ରଦାନ

194 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Sorada NAC/ Bellaguntha NAC ଗତ ପାଞ୍ଚବର୍ଷରେ କେତେଜଣ ଉଦ୍ୟୋଗ ପାଇଁ ଆବେଦନ କରିଛନ୍ତି ଏବଂ ତନମଧ୍ୟରୁ କେତେଜଣ ଉଦ୍ୟୋଗ କରିଛନ୍ତି ଯେଉଁମାନେ କରିପାରିନାହାନ୍ତି ସେଥିମଧ୍ୟରୁ ବ୍ୟାଙ୍କ ଋଣ ନଦେବା ସଂଖ୍ୟା କେତେ; ବ୍ୟାଙ୍କର ସହଯୋଗ ବେକାର ଯୁବକ ଯୁବତୀ ଉଦ୍ୟୋଗୀ ମାନଙ୍କୁ ଠିକରେ ଜମିଦେବାର ସରକାର ଜାଣିଛନ୍ତି କି?

----

## Underground Cable ଜରିଆରେ ବିଦ୍ୟୁତ୍ କରଣ

195 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ Underground Cable ଜରିଆରେ ବିଦ୍ୟୁତ ଯୋଗାଇବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଅଛି, ଗଞ୍ଜାମ ଜିଲ୍ଲାର Sorada NAC/Bellagunta NACରେ କେବେ ସୁଦ୍ଧା ଏହି ଅର୍ଥକୁ ଏହା ଭିତରେ ଅନ୍ତର୍ଭୁକ୍ତ କରିବେ ଜଣାଇବେ କି ?

----

## ସ୍ୱାସ୍ଥ୍ୟ ଓ କ୍ରୀଡା କ୍ଷେତ୍ରରେ ଅର୍ଥ ବିନିଯୋଗ

196 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୨-୨୩ ବର୍ଷରେ କେଉଁ କେଉଁ ସରକାରୀ ଉଦ୍ୟୋଗ Health Camp ଓ Sports Activities କରିବା ପାଇଁ ସ୍ଥିର କରିଛନ୍ତି, କେଉଁ ସରକାରୀ ଉଦ୍ୟୋଗ ଗତ ୪ ବର୍ଷ ଭିତରେ ଏଭଳି କାର୍ଯ୍ୟକ୍ରମ କେଉଁ କେଉଁ ଠାରେ କେତେ ଅର୍ଥ ବିନିଯୋଗ ହୋଇଅଛି, ତାର ଏକ ତାଲିକା ଦେବେ କି ?

----

## କଳାହାଣ୍ଡିରେ ଶିଳ୍ପ ପ୍ରତିଷ୍ଠା

197 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର MSME ବିଭାଗ ଜରିଆରେ 2022-23 ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲ୍ଲାର କି କି ଶିଳ୍ପ ହାତକୁ ନିଆଯାଇଅଛି ଓ 2022-23 ଆର୍ଥିକ ବର୍ଷରେ କେଉଁ ଶିଳ୍ପ କେଉଁ ବ୍ଲକକୁ ନେବେ ତାର ଏକ ତାଲିକା ଦେବେ କି ?

----

## ବୟନ ଜ୍ୟୋତି ଯୋଜନାରେ ହିତାଧିକାରୀଙ୍କୁ ସାମିଲ

198 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବିଧବା, ଛାଡ଼ପତ୍ର ଧାରୀ, ଭିନ୍ନକ୍ଷମ, ଜନଜାତି ଓ ହରିଜନ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର କେତେ ଜଣକୁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ଅନ୍ତଃଭୁକ୍ତ କରାଯାଇଅଛି; (ଖ) କଳାହାଣ୍ଡିରେ ୨୦୨୧-୨୨ରେ କେଉଁ ୬ ଜଣକୁ ଅନ୍ତର୍ଭୁକ୍ତ କରାଯାଇ ଓ ୨୦୨୨-୨୩ରେ କେତେ ଜଣକୁ ଅନ୍ତର୍ଭୁକ୍ତ କରାଯିବାର ବ୍ୟବସ୍ଥା କରିଛନ୍ତି, ତାର ଏକ ତାଲିକା ଦେବେ କି ?

----

## Sub-station ନିର୍ମାଣ ପାଇଁ ପଦକ୍ଷେପ

199 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- LYMS ଯୋଜନା ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ମ.ରାମପୁର ଠାରେ ୬୩.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ OPTCL ଦ୍ୱାରା 220/33 K.V. Grid Sub-station ପାଇଁ ଉପଯୁକ୍ତ ଜମି ଚିହ୍ନଟ ହୋଇଥିବା ବିଭାଗ ଅବଗତ ଅଛନ୍ତି କି; ସେହିପରି ନର୍ଲାବ୍ଲକର Sub-station ପାଇଁ ଜମି ଅଧିଗ୍ରହଣ ମଧ୍ୟ ସରିଛି, ଉଭୟ କାର୍ଯ୍ୟ କେବେସୁଦ୍ଧା ଆରମ୍ଭ କରି କେବେ ସୁଦ୍ଧା ଶେଷ କରିବାର ସମୟ ନିର୍ଦ୍ଧାରଣ କରାଯାଇଛି ଜଣାଇବେ କି ?

----

## ପଞ୍ଜିକୃତ ଭିନ୍ନକ୍ଷମ ମାନଙ୍କ ତାଲିକା ପ୍ରଦାନ

200 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭିନ୍ନକ୍ଷମ ମାନଙ୍କ ପାଇଁ ରାଜ୍ୟରେ କେତୋଟି କି ପ୍ରକାର ଶିକ୍ଷା ଅନୁଷ୍ଠାନ ରହିଅଛି ତାର ଏକ ତାଲିକା ସହିତ, ଭିନ୍ନକ୍ଷମ ମାନଙ୍କୁ Higher-studies ପାଇଁ କି ସୁବିଧା ଯୋଗାଇ ଦିଆଯାଇଛି, ବର୍ତ୍ତମାନ ରାଜ୍ୟରେ କେତେ ଭିନ୍ନକ୍ଷମ ଅଛନ୍ତି ଜିଲ୍ଲାୱାରୀ ସହିତ ଆଉ କେତେ ପଞ୍ଜିକୃତ ହୋଇଛନ୍ତି, ତାର ଆକଳନ କରାଯାଇଛି କି ?

----

## ଅଚଳ ଶିଳ୍ପ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

201 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାର ମଧୁପାଟଣା ଓ ଜଗତପୁର ଶିଳ୍ପାଞ୍ଚଳରେ କେତେଗୋଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

202 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚୌଦ୍ୱାରଠାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ

203 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ପଦବୀ ପୂରଣ

204 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଋଣ ଲଗାଣରେ ସମବାୟ ବ୍ୟାଙ୍କକୁ ସାମିଲ

205 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପି.ଏମ୍.ଜି.ପି. ଋଣ ଲଗାଣରେ ସମବାୟ ବ୍ୟାଙ୍କ ମାନଙ୍କୁ ସାମିଲ୍ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଢ଼େଙ୍କାନାଳରେ ବିଜ୍ଞାନ ପାର୍କ ପ୍ରତିଷ୍ଠା

206 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳଠାରେ ବିଜ୍ଞାନ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଢ଼େଙ୍କାନାଳ ଜିଲ୍ଲାରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ

207 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ କେତୋଟି ସରକାରୀ ଓ ଘରୋଇ ଅନୁଷ୍ଠାନରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା ପ୍ରଣୟନ ହୋଇଛି ଓ ଏହାର ସମ୍ପ୍ରସାରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଉତ୍ପାଦିତ ସାମଗ୍ରୀକୁ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା କ୍ରୟ ପାଇଁ ପ୍ରସ୍ତାବ

208 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପ୍ରତିଷ୍ଠିତ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା କ୍ରୟ ପାଇଁ ଅଗ୍ରାଧିକାର ଦେବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅଚଳ ଉଦ୍ୟୋଗ ଗୁଡ଼ିକୁ ନିଲାମ ପାଇଁ ପ୍ରସ୍ତାବ

209 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅଚଳ ଥିବା କେଉଁ କେଉଁ ଉଦ୍ୟୋଗ ଗୁଡ଼ିକୁ ନିଲାମ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି ଓ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ରାସନ କାର୍ଡ଼ ଯୋଗାଣ

210 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ଗଣନା ଅନୁଯାୟୀ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଭିନ୍ନକ୍ଷମ/ଦିବ୍ୟାଙ୍ଗ ଅଛନ୍ତି, ସେଥିମଧ୍ୟରୁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତିଙ୍କର ରାସନ କାର୍ଡ଼ ନାହିଁ ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିୟମ ଅନୁଯାୟୀ ରାସନ କାର୍ଡ଼ଧାରୀମାନେ କେବଳ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ନିୟମ ରହିଥିବା ବେଳେ ରାସନ କାର୍ଡ଼ ନଥିବା ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ନିମନ୍ତେ ଏହି ନିୟମରେ କୌଣସି ପରିବର୍ତ୍ତନ କରାଯାଇଛି କି; ଯଦି କରାଯାଇଛି ତେବେ ସେ ସମ୍ପର୍କୀତ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ କେଉଁ ଜିଲ୍ଲାରେ ଥିବା କେତେ ସଂଖ୍ୟକ ରାସନ କାର୍ଡ଼ ନଥିବା ଭିନ୍ନକ୍ଷମ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଭିନ୍ନକ୍ଷମଙ୍କୁ ଆତ୍ମନିଯୁକ୍ତି

211 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଭିନ୍ନକ୍ଷମ ମାନଙ୍କୁ ସଶକ୍ତ କରିବା, ଥଇଥାନ କରିବା ଓ ସେମାନଙ୍କ ସମୃଦ୍ଧିକୁ ସୁନିଶ୍ଚିତ କରିବା ଏବଂ କିନ୍ନର ମାନଙ୍କ ସମାନତା ଓ ନ୍ୟାୟ ପ୍ରଦାନ ପାଇଁ ସରକାର କି କି ଯୋଜନା କେବେଠାରୁ କାର୍ଯ୍ୟକାରୀ କରିଛନ୍ତି, ସଂପୃକ୍ତ କେଉଁ କେଉଁ ଯୋଜନାରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଭିନ୍ନକ୍ଷମ ଓ କିନ୍ନର ଉପକୃତ ହୋଇଛନ୍ତି, କେଉଁ ଜିଲ୍ଲାର କେତେ ସଂଖ୍ୟକ ଭିନ୍ନକ୍ଷମ ବା ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ପ୍ରଦାନ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି ଏବଂ କେତେ ସଂଖ୍ୟକ କେଉଁ ସ୍ତରରେ ନିଯୁକ୍ତି ହୋଇଛନ୍ତି ଓ କେତେ ସଂଖ୍ୟକ କେଉଁ କେଉଁ କ୍ଷେତ୍ରରେ ଆତ୍ମନିଯୁକ୍ତି ହୋଇଛନ୍ତି, କେତେ ସଂଖ୍ୟକଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଇଛି ତାର ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବ କି ?

----

## ବୁଣାକାରଙ୍କୁ ଋଣ ପ୍ରଦାନ

212 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ବିଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଜିଲ୍ଲାରେ କେତେ ହସ୍ତତନ୍ତ ବୁଣାକାର ବସ୍ତ୍ର ବୟନ ବୃତ୍ତି ପରିତ୍ୟାଗ କରିଛନ୍ତି ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି ତେବେ ତାର ତାଲିକା ଦର୍ଶାଇ ବୁଣାକାର ମାନଙ୍କୁ ସେମାନଙ୍କ ପାରମ୍ପରିକ ବୃତ୍ତିକୁ ଫେରାଇ ଆଣିବାକୁ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ହସ୍ତତନ୍ତ ବୁଣାକାର୍ଯ୍ୟ ନିମନ୍ତେ ଋଣ କରିଥିବା ଅର୍ଥ ଲଗାଣ ସଂସ୍ଥା ଠାରୁ Nationalized and Co-operative bank କେତେ ଋଣ ଛାଡ ଓ ପୁନଃ ଋଣ ପ୍ରଦାନ କରାଯାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## କ୍ରଶ - ସବସିଡି ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ

213 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଜାତୀୟ ଟାରିଫ୍ ନୀତିର ପାରା ୮.୩ ଅନୁସାରେ ରାଜ୍ୟ ଆୟୋଗ କ୍ରଶ - ସବସିଡି ପାଇଁ ଆବଶ୍ୟକୀୟ ରୋଡମ୍ୟାପ୍ ପ୍ରସ୍ତୁତ କରିବାର ବିଧି ବ୍ୟବସ୍ଥା ଥିଲେ ବି ଏହାକୁ କାର୍ଯ୍ୟକାରୀ ନକରି ଆୟୋଗ ଭୁଲ୍ କ୍ରଶ୍ - ସବସିଡି ତଥ୍ୟ ଅନୁମୋଦନ କରି ଉପଭୋକ୍ତା ମାନକୁ ପ୍ରତିବର୍ଷ ଭ୍ରମିତ ଓ ଶୋଷଣ କରିବା ଘଟଣା ଉପରେ ସରକାର ଅବଗତ ଅଛନ୍ତି କି, ବେନିୟମ ଟାରିଫ୍ ନିର୍ଣ୍ଣୟ ପ୍ରଣାଳୀ କାର୍ଯ୍ୟକାରୀ ହେବା ଦ୍ୱାରା ଆୟୋଗ ଟାରିଫ୍ ଆଦେଶରେ ନିୟମିତ ଭାବେ ରାଜସ୍ୱ ବଳକା ଛାଡିବା ବିଦ୍ୟୁତ୍ ଆଇନ୍ – ୨୦୦୩ ର ପରିପନ୍ଥୀ ଓ ଉପଭୋକ୍ତା ସ୍ୱାର୍ଥ ବିରୋଧି ହୋଇଥିଲେ ବି ସରକାର ନୀରବ କାହିଁକି, ଓଇଆରସି ଦ୍ୱାରା ବିଜ୍ଞାପିତ ହେଉଥିବା ବେନିୟମ୍ ଉପଭୋକ୍ତା ଟାରିଫ୍ ଉପରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ଆଇନ୍ ସମ୍ମତ ମୂଲ୍ୟଭିତ୍ତିକ ଟାରିଫ୍ ନିର୍ଣ୍ଣୟ ପାଇଁ ସରକାର ଆୟୋଗଙ୍କୁ ନିର୍ଦ୍ଦେଶ ଦେବେ କି ?

----

## ଉତ୍ପାଦିତ ବୟନ ଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ

214 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ 2009-2010 ଆର୍ଥିକ ବର୍ଷଠାରୁ ଏଯାଏଁ ପ୍ରତି ବର୍ଷ କେତେ ପରିମାଣର ଓ କେତେ ମୂଲ୍ୟର ବୟନ ଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହୋଇଛି, ବିକ୍ରି ହୋଇଛି ଏବଂ ଅନ୍ୟ ରାଜ୍ୟକୁ ଓ ବିଦେଶକୁ ରପ୍ତାନି ହୋଇଛି, ଏହାର ବାର୍ଷିକ ବୃଦ୍ଧି ବା ହ୍ରାସ ହାର କେତେ ଏବଂ ଏ କ୍ଷେତ୍ରରେ ଉତ୍ପାଦନ ବିକ୍ରି ରପ୍ତାନି ବଢାଇବା ଲାଗି କି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ଓ କି ପ୍ରକାର ଯୋଜନା କରାଯାଇଛି ?

----

## ରାଜ୍ୟରେ ରଗଣ ଅବସ୍ଥାରେ ଥିବା ଉଦ୍ୟୋଗ ସଂଖ୍ୟା

215 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଚାଲୁଅଛି ଏ ସବୁରେ କେତେଜଣ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି, ଏଗୁଡିକ ମଧ୍ୟରୁ କେତୋଟି (2009-2010) ଆର୍ଥିକ ବର୍ଷଠାରୁ ଏଯାଏଁ ପ୍ରତ୍ୟେକ ବର୍ଷ ସ୍ଥାପିତ ହୋଇଛି, ରାଜ୍ୟରେ ଏବେ କେତୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ ରହିଛି ଏବଂ କେତୋଟି ରଗଣ ଅବସ୍ଥାରେ ରହିଛି, ଏସବୁର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## କାର୍ଯ୍ୟକ୍ଷମ ଶିଳ୍ପ ସଂଖ୍ୟା

216 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତୋଟି କେଉଁ ଧରଣର ଶିଳ୍ପ କାର୍ଯ୍ୟକ୍ଷମ ରହିଛି ଏବଂ ସେ ସବୁର କେତେ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି ଏବଂ ସେହି ଶିଳ୍ପଗୁଡିକ ମଧ୍ୟରୁ କେତୋଟି (2009-2010) ଆର୍ଥିକ ବର୍ଷରୁ ଏହାମଧ୍ୟରେ ସ୍ଥାପିତ ହୋଇଛି, ଜିଲ୍ଲାୱାରୀ ସବୁ ଶିଳ୍ପର ତାଲିକା ଦେବା ସହ ବୃହତ ଓ ମଧ୍ୟମ ଶିଳ୍ପ ଗୁଡିକର ନାମ ଓ ସ୍ଥାନ, କର୍ମଚାରୀ ସଂଖ୍ୟା ପ୍ରଦାନ କରିବେ କି ?

----

## ସରକାରୀ କାର୍ଯ୍ୟକ୍ଷମ ଉଦ୍ୟୋଗ

217 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ମୋଟ ସରକାରୀ ଉଦ୍ୟୋଗର ସଂଖ୍ୟା କେତେ, ସେଥିମଧ୍ୟରୁ କେତୋଟି ଚାଲୁଛି, କେତୋଟି ବନ୍ଦ ହୋଇଯାଇଛି, କେତୋଟି ରଗଣ ଅବସ୍ଥାରେ ରହିଛି, କେତୋଟିକୁ ବିକ୍ରି କାହାକୁ କରାଗଲା, କେତୋଟିକୁ ବିକିବା ଲାଗି ପଦକ୍ଷେପ ନିଆଯାଇଛି, କେଉଁ କେଉଁ ସଂସ୍ଥାକୁ ଅନ୍ୟ ସରକାରୀ ସଂସ୍ଥାରେ ମିଶ୍ରଣ ଲାଗି ପଦକ୍ଷେପ ନିଆଯାଇଛି ଏସବୁର ବିସ୍ତୃତ ତାଲିକା ଦେବେ କି ?

----

## ଉତ୍ପାଦିତ ବିଦ୍ୟୁତର ପରିମାଣ

218 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଉତ୍ପାଦନକ୍ଷମ captive power plant (ସିପିପି) ଗୁଡିକରୁ କେତେ ବିଦ୍ୟୁତ ଉତ୍ପାଦିତ ହେଉଛି ଓ ସେଥିରୁ ନିଜସ୍ୱ ଚାହିଦା ପୂରଣ ପରେ କେତେ ବଳକା ବିଦ୍ୟୁତ୍ ରାଜ୍ୟ ବାହାରକୁ ଯାଉଛି, ନିଜସ୍ୱ ବିଦ୍ୟୁତ୍ ଚାହିଦା ପୂରଣ ନିମନ୍ତେ କେଉଁ ଶିଳ୍ପ ସଂସ୍ଥାଗୁଡିକ ରାଜ୍ୟ ବାହାରୁ ବିଦ୍ୟୁତ ଆମଦାନି କରୁଛନ୍ତି ବର୍ଷୱାରୀ ତଥ୍ୟ ଦେବା ସହ ସରବରାହ ପ୍ରାପ୍ୟ ବାବଦରେ ସେସବୁ ସଂସ୍ଥାରୁ କେତେ ଟଙ୍କା ଅସୁଲ କରାଯାଇଛି ଜଣାଇବେ କି ?

----

## ଅସୁଲ କରାଯାଉଥିବା ବିଦ୍ୟୁତ୍ ଶୁଳ୍କର ଦର

219 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2017-18 ରୁ 2021-22 ଗତ 4ଟି ଆର୍ଥିକ ବର୍ଷରେ ରାଜ୍ୟରେ ଥିବା ଆବଣ୍ଟନ କମ୍ପାନୀ, ସିପିପି, ଆଇପିପି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାରୁ କେଉଁ କେଉଁ ଦରରେ କେତେ ଟଙ୍କା ବିଦ୍ୟୁତ୍ ଶୁଳ୍କ (Electricity duty) ଅସୁଲ କରାଯାଇଛି ବର୍ଷୱାରୀ ତଥ୍ୟ ଦେବେ କି ?

----

## ପଞ୍ଜିକୃତ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଖ୍ୟା

220 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପଞ୍ଜୀକୃତ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଖ୍ୟା କେତେ ଓ ସେଥିରୁ କେତେ କାର୍ଯ୍ୟକ୍ଷମ ସଂସ୍ଥାରେ ମୋଟ କେତେ ଲୋକ ଜୀବିକା ଉପାର୍ଜନ କରୁଛନ୍ତି, ବନ୍ଦ ରହିଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଯୋଗୁଁ କେତେ ଲୋକ ଜୀବିକା ହରାଇଛନ୍ତି ଏବଂ ଏସବୁ ଶିଳ୍ପ ସଂସ୍ଥାଗୁଡିକର ମୋଟ ଋଣ ବୋଝ କେତେ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ଶିଳ୍ପ ସ୍ଥାପନ ଲାଗି ଘରୋଇ ପୁଞ୍ଜି ନିବେଶ

221 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବୃହତ ଓ ମଧ୍ୟମ ଶିଳ୍ପ ସ୍ଥାପନ ଲାଗି 2010 ବର୍ଷରୁ ଏ ପର୍ଯ୍ୟନ୍ତ ମୋଟ କେତେ ଟଙ୍କାର ଘରୋଇ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ଓ ସେଥିରୁ କେତେ ଟଙ୍କା ବିନିଯୋଗରେ କେତେ ଶିଳ୍ପ ଉତ୍ପାଦନକ୍ଷମ ହୋଇପାରିଛି, କାର୍ଯ୍ୟକ୍ଷମ ଶିଳ୍ପ ସଂସ୍ଥାରେ ରାଜ୍ୟର କେତେ ଲୋକ ନିୟମିତ ନିଯୁକ୍ତି ପାଇଛନ୍ତି ଶିଳ୍ପୱାରୀ ବିବରଣୀ ଦେବେ କି ?

----

## ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଭତ୍ତା ପ୍ରଦାନ

222 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେ ପ୍ରତିଶତ ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଉଛି, ସୁନ୍ଦରଗଡ ଜିଲ୍ଲାରେ ଏହି ସଂଖ୍ୟା କେତେ ରହିଛି ତାହାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

## ଘରୋଇ ବିଦ୍ୟୁତ ଗ୍ରାହକଙ୍କ ସଂଖ୍ୟା

223 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଏବେ ଘରୋଇ ବିଦ୍ୟୁତ ଗ୍ରାହକଙ୍କ ସଂଖ୍ୟା କେତେ, ଘରୋଇ ବିଦ୍ୟୁତ ଗ୍ରାହକଙ୍କ ଘରେ ବିଦ୍ୟୁତ ମିଟର ଲଗାଇବା ପାଇଁ କି ନିୟମ ରହିଛି, ଘରେ ଲାଗିଥିବା ସଚଳ ବିଦ୍ୟୁତ ମିଟର ଗୁଡିକୁ ବିତରଣ କମ୍ପାନୀ ବଦଳାଉଥିବା ସତ୍ୟ କି, ଯଦି ହଁ ବିଦ୍ୟୁତ ମିଟର ବାବଦୀୟ ଖର୍ଚ୍ଚ କିଏ ବହନ କରିବାର ନିୟମ ରହିଛି ?

----

## କର୍ମଚାରୀଙ୍କୁ ସ୍ଥାୟୀ କରାଇବା ପାଇଁ ପଦକ୍ଷେପ

224 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) OPTCL ରେ ନିଯୁକ୍ତି ପାଇଥିବା ମାନବ ସମ୍ବଳ ଅଧିକାରୀଙ୍କ ଯୋଗ୍ୟତା କଣ, ଯଦି ନାହିଁ ତାହେଲେ Senior OAS ଅଧିକାରୀଙ୍କୁ ନିଯୁକ୍ତି ଦେବେ କି, (ଖ) OPTCL, TPSOPL, TPWODL, TPNODL ଓ TPCODL ରେ ଆଜକୁ ୧୫ ବର୍ଷ ଧରି କାର୍ଯ୍ୟରତ ଆଉଟସୋରସ କର୍ମଚାରୀଙ୍କୁ ସ୍ଥାୟୀ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଭତ୍ତା ରାଶି ବୃଦ୍ଧି ପାଇଁ ପଦକ୍ଷେପ

225 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପଡୋଶୀ ରାଜ୍ୟ ବିଶେଷ କରି ଆନ୍ଧ୍ରପ୍ରଦେଶ, ଛତିଶଗଡ, ଝାରଖଣ୍ଡ ଓ ପଶ୍ଚିମବଙ୍ଗରେ ମାସିକ କେତେ ପରିମାଣରେ ଭତ୍ତା ପ୍ରଦାନ କରାଯାଉଛି, ଓଡ଼ିଶାରେ ଏହି ଭତ୍ତା ପରିମାଣ କେତେ ରହିଛି, ସରକାରୀ କର୍ମଚାରୀ ଓ ଲୋକଙ୍କ ପ୍ରତିନିଧିଙ୍କ ନିୟମିତ ଦରମା ଭତ୍ତା ବୃଦ୍ଧି ଭଳି ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବୃଦ୍ଧି ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି ?

----

## Science Park ସ୍ଥାପନ ପାଇଁ ବ୍ୟବସ୍ଥା

226 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉମରକୋଟ ନିର୍ବାଚନ ମଣ୍ଡଳୀରେ ସରକାର Science Park, ପ୍ଲାନେଟୋରିୟମ କରିବା ପାଇଁ ବ୍ୟବସ୍ଥା କରିବା ସହ ପ୍ରତି ସରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ Science Exhibition କରିବା ପାଇଁ ଲୋକମାନଙ୍କର ବିଜ୍ଞାନ ପ୍ରତି ଆଦର ବଢିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବେ କି ?

----

## କୁଟୀର ଶିଳ୍ପକୁ ପ୍ରୋତ୍ସାହନ

227 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ସଂକ୍ରମଣ ଯୋଗୁଁ ଓଡ଼ିଶାର କୁଟୀର ଶିଳ୍ପର ଉତ୍ପାଦନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି କି, ନବରଙ୍ଗପୁର ଜିଲ୍ଲାରେ କେଉଁ କେଉଁ କୁଟୀର ଶିଳ୍ପକୁ ସରକାର ପ୍ରୋତ୍ସାହିତ କରିଛନ୍ତି ଏବଂ ଗତ ୫ ବର୍ଷ ମଧ୍ୟରେ ସେଗୁଡ଼ିକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଅଛି କହିବେ କି ?

----

## ନବରଙ୍ଗପୁରରେ ଶିଳ୍ପ ପ୍ରତିଷ୍ଠା

228 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶିଳ୍ପ ବିହୀନ ନବରଙ୍ଗପୁର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଆନ୍ତରିକତା ଅଛି କି, ଯଦି ହଁ ତେବେ ଆଜି ପର୍ଯ୍ୟନ୍ତ କାହିଁକି ଗୋଟିଏ ମଧ୍ୟ ଶିଳ୍ପ ଏହି ଜିଲ୍ଲାରେ ପ୍ରତିଷ୍ଠା ହୋଇପାରିନାହିଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ବାଥାନଲ୍ ପ୍ଲାଣ୍ଟର କାର୍ଯ୍ୟ ଆରମ୍ଭ ହୋଇଛି କି, ଯଦି ନାଁ ତେବେ ଏହାର କାରଣ କଣ, କେବେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ ହେବ ?

----

## ଜମି ଫେରସ୍ତ ପାଇଁ ନିଷ୍ପତ୍ତି

229 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗୋପାଳପୁର ଟାଟା କମ୍ପାନୀ ଦଖଲ କରିଥିବା ଜମି ମଧ୍ୟରୁ କେତେ ଜମିରେ କମ୍ପାନୀ ହୋଇଛି, କେତେ ଜମିରେ ଏସ୍.ଇ.ଜେଡ୍ ପ୍ରତିଷ୍ଠା ହୋଇଛି, ଏସ୍.ଇ.ଜେଡ୍ ପ୍ରତିଷ୍ଠା ଠାରୁ ମୋଟ କେତେ କେଉଁ ସବୁ ଜିନିଷ (ଦ୍ରବ୍ୟ) ଉତ୍ପନ୍ନ ହୋଇଛି, ସରକାରଙ୍କୁ କେତେ ରୟାଲିଟି ଆସିଛି, (ଖ) ଟାଟା ଦଖଲ ଜମିରୁ ବ୍ୟବହୃତ ହୋଇନଥିବା କେତେ ଜମି କାଳିପଲ୍ଲି ଓ ପାଇକପଡା ମୌଜା ଚାଷିଙ୍କୁ ଫେରସ୍ତ ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ?

----

## ଗଞ୍ଜାମ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା

230 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗଞ୍ଜାମ ଜିଲ୍ଲାରେ ମୋଟ ଶିଳ୍ପର ତାଲିକା ସହ କେଉଁ କେଉଁ ଶିଳ୍ପ କେତେ ଠାରୁ ବନ୍ଦ ରହିଛି ଜଣାଇବେ କି, ୨୦୨୩-୨୪ ବର୍ଷ ଜିଲ୍ଲାରେ କେଉଁ ଠାରେ ଶିଳ୍ପ (କାରଖାନା) ହେବା ପ୍ରସ୍ତାବ ରହିଛି କି, ବନ୍ଦ ଥିବା ଶିଳ୍ପ ଖୋଲିବା ପ୍ରସ୍ତାବ ଅଛି କି, (ଖ) ଦୀପକ ଫରଟିଲାଇଜର (ଛତ୍ରପୁର) କାଳିପଲ୍ଲି ପଞ୍ଚାୟତରେ ହେବା ନିଷ୍ପତ୍ତି କେବେ ନିଆଯାଇଛି, ସରକାରୀ ସ୍ତରରେ କଣ ସ୍ଥିର ହୋଇଛି, ଏହାର ପରିବେଶ ମଞ୍ଜୁରୀ କେବେ ହୋଇଛି, ଏଥି ପାଇଁ କେତେ ଜମି ଆବଶ୍ୟକ, ଜନ ଶୁଣାଣି କେବେ ହେବ, ଯଦି ହୋଇଛି ତାର ଏକ କପି ଯୋଗାଇଦେବେ କି ?

----

## ସବୁଜ ଶକ୍ତି ଏବଂ ସୌର ଶକ୍ତି ଉତ୍ପାଦନ

231 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଗତ ଦୁଇ ବର୍ଷ (2021 ଏବଂ 2022) କେତେ ଶକ୍ତି କେଉଁ ଉତ୍ସରୁ ଉତ୍ପାଦନ ହୋଇଛି, ବଳକା ଶକ୍ତି କେଉଁ ରାଜ୍ୟକୁ କେତେ ପରିମାଣରେ କେତେ ମୂଲ୍ୟରେ ବିକ୍ରି ହୋଇଛି, (ଖ) ନୂତନ ଶକ୍ତି କେନ୍ଦ୍ର କେଉଁ ଠାରେ ରାଜ୍ୟରେ ୨୦୨୩-୨୪ ମସିହାରେ ନିର୍ମାଣ ପ୍ରସ୍ତାବ ଅଛି କି, ସବୁଜ ଶକ୍ତି ଏବଂ ସୌର ଶକ୍ତି ଉତ୍ପାଦନ ରାଜ୍ୟରେ କମ୍ ଥିବା କାରଣ କଣ, ଏହାର ଜାତୀୟ ହାର କେତେ, ଆଗାମୀ ଦୁଇବର୍ଷରେ ସୌର ଶକ୍ତି - ଜଳ ବିଦ୍ୟୁତ ଉତ୍ପାଦନର ଯୋଜନା କଣ ଜଣାଇବେ କି ?

----

## ବିଜୁଳି ଯୋଗାଣ

232 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ବନ୍ଧମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଜୁଳି ଯୋଗାଣ ହୋଇ ନଥିବା ଖବର ସରକାରଙ୍କ ପାଖରେ ଅଛି କି, ବନ୍ଧମୁଣ୍ଡା ପଞ୍ଚାୟତର ନୁଆଗାଁ ଗ୍ରାମରେ Transformer ସ୍ଥାପନ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ଖୁଣ୍ଟ (Pole) ଓ ତାର ସଂଯୋଗ ଅଭାବରୁ ଏ ପର୍ଯ୍ୟନ୍ତ ବିଜୁଳି ଯୋଗାଣ ହୋଇ ନଥିବାରୁ ଗ୍ରାମବାସୀ ସନ୍ଧ୍ୟା ହେଲେ ଘରେ ତାଟି କବାଟ କିଳି ହାତୀ ଆକ୍ରମଣ ଭୟରେ ଗୃହବନ୍ଦି ହୋଇ କାଳାତିପାତ କରୁଛନ୍ତି, ଏଣୁ ନୁଆଗାଁ ଠାରେ ସ୍ଥାପିତ ହୋଇଥିବା Transformer କୁ ବିଦ୍ୟୁତ ଖୁଣ୍ଟ ପୋତି ତାର ସଂଯୋଗ କରି ବିଜୁଳି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବେ କି, କିମ୍ବା Solar (ସୌରଶକ୍ତି) ଦ୍ୱାରା ବିଦ୍ୟୁତ କରଣ ଶିଘ୍ର କରିବେ କି ?

----

## ଯୁବକ ଯବତୀ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପଦକ୍ଷେପ

233 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀରେ ହସ୍ତତନ୍ତ କ୍ଷେତ୍ରରେ ପ୍ରଶିକ୍ଷଣ ତଥା ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ଦକ୍ଷତା ବୃଦ୍ଧି ପାଇଁ କେତେଜଣ ବେକାର ଯୁବକ ଯୁବତୀ ମାନଙ୍କୁ ଗତ ୩ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଦିଆଯାଇଛି ଏବଂ ଏ ବାବଦରେ କେତେ ଅର୍ଥ ବିନିଯୋଗ ହୋଇଛି ଜଣାଇବା ସହିତ ଉକ୍ତ ତାଲିମପ୍ରାପ୍ତ ଯୁବକ ଯୁବତୀ ମାନଙ୍କ ଆତ୍ମ ନିର୍ଭରଶିଳ ନିମନ୍ତେ ସରକାର କି କି ପଦକ୍ଷେପ ମାନ ଗ୍ରହଣ କରିଛନ୍ତି ?

----

## Science Park ସ୍ଥାପନ

234 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତୋଟି ପ୍ଲାନେଟୋରିୟମ ଓ Science Park ସ୍ଥାପନ କରିବା ପାଇଁ ସରକାରଙ୍କ ଯୋଜନା ଅଛି, ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀରେ ଗୋଟିଏ Science Park ସ୍ଥାପନ କରିବା ପାଇଁ ମାନ୍ୟବର ମନ୍ତ୍ରୀ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ଶକ୍ତି ବିଭାଗର ଉନ୍ନତିମୂଳକ କାର୍ଯ୍ୟ

235 **ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶକ୍ତିଦ୍ୱାରା କି କି Development କାର୍ଯ୍ୟ କରାଯାଇଅଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, କେତୋଟି ଗ୍ରାମରେ ବର୍ତ୍ତମାନସୁଦ୍ଧା Electrification ହୋଇନାହିଁ ତାହାର ତାଲିକା ଦେବା ସହ କେବେସୁଦ୍ଧା ଏହା ଶେଷ ହେବ ଜଣାଇବେ କି ?

----

## ବୃହତ ଶିଳ୍ପର ବିବରଣୀ ପ୍ରଦାନ

236 **ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ କେତୋଟି ବୃହତ ଶିଳ୍ପ କେଉଁ କେଉଁ ଜିଲ୍ଲାରେ ଅଛି ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, କି ପ୍ରକାର ଅସୁବିଧା ସରକାରଙ୍କୁ ହେଉଛି ସେଗୁଡିକ ପୁନଃରୁଦ୍ଧାର କରିବା ପାଇଁ ଜଣାଇବେ କି, ସେସବୁ ଶିଳ୍ପ କାରଖାନାଗୁଡିକ କେଉଁ କାରଣ ପାଇଁ ବନ୍ଦ ହେଲା ଓ ପୁନଃ ଚାଲୁ କରିବା ପାଇଁ କଣ ଆବଶ୍ୟକ ତାର ପୁଙ୍ଖାନୁପୁଙ୍ଖ ତଦନ୍ତ, ସର୍ଭେ ଏବଂ ପରୀକ୍ଷା ନିରୀକ୍ଷା କରି ସମାଧାନର ରାସ୍ତା ବାହାର କରି ଓଡିଶାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଯୁବକମାନଙ୍କୁ ରୋଜଗାର ପ୍ରଦାନ କରିବେ କି ?

----

## ଓଡିଶାରେ ପୁଞ୍ଜି ନିବେଶ

237 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019 ମସିହାଠାରୁ ଅଦ୍ୟାବଧି ଓଡିଶା ପୁଞ୍ଜି ନିବେଶ ନିମନ୍ତେ କେତେ ମୂଲ୍ୟର କେତେଗୋଟି ପ୍ରକଳ୍ପ ପାଇଛି ଓ ଅଦ୍ୟାବଧି ସେଥିମଧ୍ୟରୁ କେତେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି, ଏହି ପ୍ରକଳ୍ପମାନଙ୍କରେ କେତେଜଣଙ୍କୁ କର୍ମ ନିଯୁକ୍ତି ସୁଯୋଗ ମିଳିଛି, କେତେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ ଏବଂ କେତେ କମ୍ପାନୀ ଓଡିଶାରୁ ମୁହଁ ଫେରାଇ ନେଲେଣି, କେତେ ପ୍ରସ୍ତାବ କେବଳ ଆଶ୍ୱାସନାରେ ଅଟକିଛି ତାହାର ବର୍ଷୱାରୀ ଓ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## D.I.C. ମାଧ୍ୟମରେ ଋଣ

238 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ D.I.C. ମାଧ୍ୟମରେ କେଉଁ ବ୍ଲକରେ କେତେଜଣଙ୍କୁ କେତେ ଟଙ୍କା ଋଣ ଯୋଗାଇ ଦିଆଯାଇଛି, କେଉଁ ବ୍ଲକରେ କେତେଗୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି, 2015 ଠାରୁ ଅଦ୍ୟାବଧି ଏହାର ତଥ୍ୟ ବର୍ଷୱାରୀ ଓ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ଭିନ୍ନକ୍ଷମଙ୍କ ପାଇଁ ସଂରକ୍ଷଣ

239 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ରାଜ୍ୟରେ ବେଞ୍ଚମାର୍କ ଭିନ୍ନକ୍ଷମଙ୍କ ପାଇଁ ପଦୋନ୍ନତିରେ ସଂରକ୍ଷଣର କାର୍ଯ୍ୟକାରିତା, ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ କର୍ମଚାରୀମାନେ ପଦୋନ୍ନତି କ୍ଷେତ୍ରରେ 4% ସ୍ଥାନ ସଂରକ୍ଷଣ ପାଇବାକୁ ଓଡିଶା ସରକାର କେବେ କେଉଁ ପ୍ରକାର ନିର୍ଦ୍ଦେଶାବଳୀଜାରି କରିଛନ୍ତି, ତାହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଭତ୍ତା ପ୍ରଦାନ

240 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭିନ୍ନ ରାଜ୍ୟ ସରକାର ଯଥା ଆନ୍ଧ୍ର ପ୍ରଦେଶ ମାସକୁ ଜଣକ ପିଛା 3000/- ଟଙ୍କା, ଦିଲ୍ଲୀ 2500/-, ଗୋଆ 2500/-, ହରିଆଣା 2250/- ଏବଂ ହିମାଞ୍ଚଳ ପ୍ରଦେଶ ରାଜ୍ୟ ସରକାର ମାସକୁ 1500/- ଟଙ୍କା ଭିନ୍ନକ୍ଷମ ଭତ୍ତା ଦେଉଥିବା ବେଳେ ଓଡିଶା ସରକାର ମାସକୁ 500/- ଟଙ୍କା ଭିନ୍ନକ୍ଷମ ଭତ୍ତା ଦେଉଛନ୍ତି, ଯାହାକି ଜଣେ ଅକର୍ମଣ୍ୟ ଭିନ୍ନକ୍ଷମ ବ୍ୟକ୍ତି ମାସେ ଚଳିବା ପାଇଁ ଅତ୍ୟନ୍ତ ନଗଣ୍ୟ, ଏଣୁ ଓଡିଶା ରାଜ୍ୟ ସରକାର ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଭତ୍ତା ଅତିକମରେ ମାସକୁ 3000/- ଟଙ୍କାକୁ ବଢାଇ ସେମାନଙ୍କ ସମ୍ମାନ ରକ୍ଷା ପାଇଁ ଆବଶ୍ୟକୀୟ ଯୋଜନା ପ୍ରଣୟନ କରିବେ କି ?

----

## କାରଖାନା ପ୍ରତିଷ୍ଠାରେ ବିଳମ୍ବ

241 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଇରଙ୍ଗପୁର Sub-division ଅନ୍ତର୍ଗତ ଗୋରୁ ମହିଷାଣୀ ନିକଟବର୍ତ୍ତୀ ସ୍ଥାନରେ ଏକ କାରଖାନା ପ୍ରତିଷ୍ଠା କରିବା ପାଇଁ ସରକାର ଯେଉଁ MOU ଦସ୍ତଖତ କରିଛନ୍ତି, ତାହା କେବେସୁଦ୍ଧା ଆରମ୍ଭ ହେବ ?

----

## କାରଖାନା ପ୍ରତିଷ୍ଠାର ଅଗ୍ରଗତି

242 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଇରଙ୍ଗପୁରରେ ରୁଙ୍ଗଟା Steel ଦ୍ୱାରା କାରଖାନା ପ୍ରତିଷ୍ଠା କରାଯିବା ପାଇଁ ଯେଉଁ କାର୍ଯ୍ୟ ଆରମ୍ଭ ହୋଇଛି, ତାର ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନ କରିବାକୁ ପଦକ୍ଷେପ

243 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- U.D. ପ୍ରଶ୍ନ ସଂଖ୍ୟା 3558 ତା.26.03.2021 ରିଖ ପରିପ୍ରେକ୍ଷୀରେ OSEB ଅଧିନରେ ଉପଭୋକ୍ତାମାନଙ୍କ ଉପରେ ବାକି ପଡିଥିବା ସମସ୍ତ ଦେୟକୁ କମ୍ପାନୀମାନେ ବିଭିନ୍ନ ସମୟରେ ଆଦାୟ କରି କେଉଁ Account ରେ ସେ ସମସ୍ତ ବକେୟା ପ୍ରାପ୍ତ ଅର୍ଥକୁ ପୈଠ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ସହ ଯେଉଁ ବିତରଣ କମ୍ପାନୀ ଓଡିଶା ଛାଡି ଚାଲିଯାଇଛନ୍ତି ସେମାନଙ୍କର Bank Security ବାବଦରେ ଥିବା ଅର୍ଥକୁ ରାଜ୍ୟ ସରକାର କେତେ ପରିମାଣରେ ଆଦାୟ କରିପାରିଛନ୍ତି ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ବିଦ୍ୟୁତ ଶୁଳ୍କକୁ କେବେ ବର୍ଦ୍ଧିତ ନ କରିବା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବେ କି ?

----

## C.S.R. ପାଣ୍ଠିର ଖର୍ଚ୍ଚ

244 **ଶ୍ରୀ ସୁବାଷ ଚନ୍ଦ୍ର ବେହେରା (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ଭାରତୀୟ ବିରଳମୃତ୍ତିକା କାରଖାନା (IREL), ଗ୍ରାସିମ ଇଣ୍ଡଷ୍ଟ୍ରିଜ୍, ଗଞ୍ଜାମ ଏବଂ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ବିଗତ ପାଞ୍ଚ ବର୍ଷ ମଧ୍ୟରେ ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ CSR ପାଣ୍ଠିରୁ କେତେ ଟଙ୍କା ଖର୍ଚ୍ଚ କରି କେତେ ଗୁଡିଏ ପ୍ରକଳ୍ପ ଲୋକମାନଙ୍କ ହିତ ନିମନ୍ତେ କାର୍ଯ୍ୟକାରୀ କରିଛନ୍ତି ତାହାର ଏକ ବିଶଦ ତାଲିକା (Detail List) ପ୍ରଦାନ କରିବେ କି ?

----

## Low voltage ସମସ୍ୟା ସମାଧାନ

245 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବର୍ତ୍ତମାନ ପାଲଲହଡା ନିର୍ବାଚନ ମଣ୍ଡଳୀରେ କେତୋଟି ସମୁଦାୟ ଟ୍ରାନ୍ସଫରମର ଅଛି, କେତେ KV ଲେଖାଏଁ କେତୋଟି ଚାଲୁ ଅବସ୍ଥାରେ ଏବଂ କେତୋଟି ଗ୍ରାମରେ ମାସ ମାସ ଧରି ଟ୍ରାନ୍ସଫରମର ପୋଡିଯାଇ ଅଚଳ ଅବସ୍ଥାରେ ଅଛି, ଏହା ଠିକ କରାଯାଇପାରିବ କି, ବିପଦ ସଙ୍କୁଳ ଅବସ୍ଥାରେ ଥିବା ଲାଇନ ତାରକୁ ନ ହଟେଇବାର କାରଣ କଣ, କେବେସୁଦ୍ଧା ତାହା ଚିହ୍ନଟ ହୋଇ ପଦକ୍ଷେପ ନିଆଯିବ, ତତ ସହିତ ଟାଟା କମ୍ପାନୀ ନେବା ପରେ ଠିକ୍ ଭାବରେ ମେଣ୍ଟେନାନ୍ସ ନ କରିବା ଏବଂ ଜାଳେଣିଠାରୁ ଅଧିକ ବିଲ ଆସିବା, low voltage ସମସ୍ୟା, ଏହା ବିରୁଦ୍ଧରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଭତ୍ତା ବୃଦ୍ଧି ପାଇଁ ପଦକ୍ଷେପ

246 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବାଙ୍କୀ ନିର୍ବାଚନ ମଣ୍ଡଳୀର ଅନେକ ୭୫ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ, ବିଧବା ଓ ଶାରିରୀକ ଅକ୍ଷମ ବ୍ୟକ୍ତି ମାନଙ୍କର ମାସିକ ଭତ୍ତା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଥିବା କାରଣରୁ ବ୍ୟାଙ୍କରେ ସେମାନଙ୍କର ଟିପଚିହ୍ନ ଅମେଳ ହେଉଥିବା କାରଣରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ସେମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ନଗଦ ଭତ୍ତା ଟଙ୍କା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ କି ; (ଖ) ବଜାର ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଭତ୍ତା ରାଶିର ପରିମାଣ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ଯେଉଁ ବୃଦ୍ଧ, ବିଧବା ଓ ବିକଳାଙ୍ଗ ବ୍ୟକ୍ତିମାନେ ନୂଆକରି ଭତ୍ତା ପାଇଁ ଆବେଦନ କରିଛନ୍ତି, ସେମାନଙ୍କ ବିଷୟ ବିଚାରକୁ ନେଇ ସେମାନଙ୍କୁ ଭତ୍ତା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ କି ?

----